ଆଜି - ଶୁକ୍ରବାର
ତାରିଖ - ୦୧ ମଇ ୨୦୨୬
ମାସ - ମେଷ, ଦିନ - ୧୮
ତିଥି - ପୂର୍ଣ୍ଣିମା, ପକ୍ଷ-ଶୁକ୍ଳ

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

ପ୍ରଭାତୀ ସଂସ୍କରଣ AJIKALI Morning Edition






ଶ୍ରମିକ ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

E-mail: ajikalibls@gmail.com
E-News : www.Ajikali epaper.com

Vol.- 41 ISSUE- 18 R.N.I. REGD. No. 44026/86 ବାଲେଶ୍ୱର ୦୧ ମଇ ୨୦୨୬ ଶୁକ୍ରବାର BALASORE 01 MAY 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଉତ୍ସାହ ଓ ସକାରାତ୍ମକ ଉର୍ଜାରୁ ମିଳିଥାଏ ସଫଳତା : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଉତ୍ସାହ ଓ ସକାରାତ୍ମକ ଶକ୍ତି ବ୍ୟକ୍ତିଙ୍କୁ ସର୍ବଦା କର୍ମଶୀଳ ରଖେ ଏବଂ ଏହି ଗୁଣଗୁଡ଼ିକ ସଫଳତାର ମୂଳ ଚାବିକାଠି । ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର 'ଏକ୍ସ' ରେ ଲେଖିଛନ୍ତି ଯେ କର୍ମଠ ଓ ଉର୍ଜାଶୀଳ ନାଗରିକମାନେ ହିଁ ଦେଶର ସବୁଠାରୁ ବଡ଼ ଶକ୍ତି, ଯାହାଙ୍କର ପରିଶ୍ରମ ଦ୍ୱାରା ଉନ୍ନତିର ନୂତନ ପଥ ଖୋଲିଥାଏ । ସେ କହିଛନ୍ତି ଯେ ଏପରି ପ୍ରୟାସ ଦ୍ୱାରା ଦେଶ ସମୃଦ୍ଧି, ଆତ୍ମନିର୍ଭରତା ଓ ଉନ୍ନତିର ଶିଖରରେ ପହଂଚେ । ପ୍ରଧାନମନ୍ତ୍ରୀ ମୋଦି ଗୋଟିଏ ସଂସ୍କୃତ ସୁଭାଷିତ ସେୟାର କରି କହିଛନ୍ତି, "ଅନିର୍ବେଦୋ ହି ସତତଂ ସର୍ବାର୍ଥେଷୁ ପ୍ରବର୍ତକଃ । କରୋତି ସଫଳଂ ଜନ୍ତୋଃ କର୍ମ ଯଚ୍ଚ କରୋତି ସଃ" ସେ ଏହାର ଅର୍ଥ ବ୍ୟାଖ୍ୟା କରି କହିଛନ୍ତି ଯେ ଉତ୍ସାହ ଓ ସକାରାତ୍ମକ ଶକ୍ତି ବ୍ୟକ୍ତିଙ୍କୁ ନିଜ କାମରେ ନିରନ୍ତର ସକ୍ରିୟ ରଖେ । ଏହି ଅତୁଟ ଉତ୍ସାହ ଲୋକଙ୍କ ପ୍ରତ୍ୟେକ ସଂକଳ୍ପକୁ ସଫଳତାକୁ ପହଂଚାଇବାରେ ସହାୟକ ହୁଏ । ସେ ନାଗରିକମାନଙ୍କୁ ଆହ୍ୱାନ କରିଛନ୍ତି ଯେ ସେମାନେ ନିଜ କାର୍ଯ୍ୟରେ ନିରନ୍ତରତା ଓ ଉର୍ଜା ରଖନ୍ତୁ, ଯାହାଦ୍ୱାରା ବ୍ୟକ୍ତିଗତ ଓ ଜାତୀୟ ଦୁଇଟି ସ୍ତରରେ ପ୍ରଗତି ସୁନିଶ୍ଚିତ ହେବ ।

### ଭାରତୀୟ ଗଣତନ୍ତ୍ରରେ ମହିଳା ମାନଙ୍କର ଯୋଗଦାନ ସମ୍ପର୍କରେ ଆଲୋଚନା ପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

## ଆର୍ଥିକ ଭାବେ ଆତ୍ମନିର୍ଭର ନୁହେଁ ବରଂ ଅନ୍ୟ କ୍ଷେତ୍ର ସହ ରାଜନୈତିକ କ୍ଷେତ୍ରରେ ସଶକ୍ତିକରଣ ହିଁ ପ୍ରକୃତ ମହିଳା ସଶକ୍ତିକରଣ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମହିଳା ସଶକ୍ତିକରଣର ଅର୍ଥ କେବଳ ଅର୍ଥନୈତିକ ସ୍ତରରେ ଆତ୍ମନିର୍ଭରଶୀଳତା ନୁହେଁ ବରଂ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ସଶକ୍ତିକରଣ ହେବା ହିଁ ହେଉଛି ପ୍ରକୃତ ଅର୍ଥରେ ମହିଳା ସଶକ୍ତିକରଣ । ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆଜି ଭାରତୀୟ ଗଣତନ୍ତ୍ରରେ ମହିଳା ମାନଙ୍କର ଯୋଗଦାନ ସମ୍ପର୍କରେ ଆଲୋଚନା ପାଇଁ ଗୁରୁବାର ଦିନ ଆୟୋଜିତ ହୋଇଥିବା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଲୋଚନା ଆରମ୍ଭ କଲା ବେଳେ ତାଙ୍କର ଅଭିଭାଷଣରେ ଏହା କହିଛନ୍ତି । ସେ କହିଛନ୍ତି ଯେ, ବିଭିନ୍ନ ରାଜନୈତିକ ଦଳ ଗତ କିଛି ଦଶନ୍ଧି ଧରି ସବୁ ରାଜନୈତିକ ଦଳ ମହିଳା ସଶକ୍ତିକରଣ ବିଷୟରେ ଆଲୋଚନା କରୁଥିବା ବେଳେ ତାଙ୍କ ପାଇଁ ତାଙ୍କ ପାଇଁ ମହିଳା ସଶକ୍ତିକରଣର ସଂଜ୍ଞା ଅତି ସଙ୍କୁଚିତ । କାରଣ, ତାଙ୍କ ପାଇଁ ମହିଳା ସଶକ୍ତିକରଣର ଅର୍ଥ ହେଉଛି କେବଳ ଅର୍ଥନୈତିକ ସ୍ତରରେ ଆତ୍ମନିର୍ଭରଶୀଳତା । ତେଣୁ, ମହିଳା ସ୍ୱୟଂ ସହାୟତା ସମୂହ ଗଠନ କରି କିଛି ଟଙ୍କା ଦେଇଦେଲେ ସେମାନେ ଭାବନ୍ତି ଯେ ମହିଳାମାନେ ସଶକ୍ତ ହୋଇଗଲେ । କିନ୍ତୁ, ଏହା ଏକ ଭ୍ରାନ୍ତ ଧାରଣା । ସଶକ୍ତିକରଣର ପ୍ରକୃତ ସଂଜ୍ଞା ହେଉଛି ନିଜେ ନିଜ ପାଇଁ, ପରିବାର ପାଇଁ ଏବଂ ସମାଜ ପାଇଁ ନିଷ୍ପତି ନେବାର ଅଧିକାର । ତେଣୁ, ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ସଶକ୍ତିକରଣ ହେବା ହିଁ ହେଉଛି ପ୍ରକୃତ ଅର୍ଥରେ ମହିଳା ସଶକ୍ତିକରଣ । ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ, ଆଜି ଆମ ଦେଶ ଏକ ବିଶେଷ ପରିସ୍ଥିତି ଦେଇ ଗତି କରୁଛି । ସମ୍ବିଧାନ ପ୍ରଣିତ ହେବାର ୭୫ ବର୍ଷ ପୁରିଛି, ଦେଶରେ ଅନେକ ପ୍ରଗତି ହୋଇଛି । କିନ୍ତୁ, ଦେଶର ଅଧା ଜନସଂଖ୍ୟା ଆଜି ନିଜକୁ ଠକି ହେଲା ପରି ମନେ କରୁଛନ୍ତି । ସେ କହିଛନ୍ତି ଯେ ଆମର ବିଜୁ ଜନତା ଦଳର ସଦସ୍ୟ ମାନେ ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତ ମହିଳା ସଂରକ୍ଷଣକୁ ନେଇ ବାହାବା ଲୁଟିବାକୁ ଚେଷ୍ଟା କରୁଛନ୍ତି, ଆଜି ବି ଆଲୋଚନା ସମୟରେ ସେମାନେ ତାହାକୁ ଦୋହରାଇବେ । କିନ୍ତୁ, ଯେତେବେଳେ ବିଧାନସଭା ଓ ଲୋକସଭା ପାଇଁ ଆରକ୍ଷଣ କଥା ଉଠୁଛି ସେମାନେ କାହିଁକି ମହିଳା ବିରୋଧୀ ଆଭିମୁଖ୍ୟ ନେଉଛନ୍ତି ? ଏହାର ଉତର ହେଉଛି ଏଠାରେ ବସିଥିବା ମାନ୍ୟବର ସଦସ୍ୟ ଓ ସଦସ୍ୟା କିମ୍ବା ତାଙ୍କ ଦଳର ଆଗାଧାଡିର ନେତାମାନେ ତ ଆଉ ସରପଞ୍ଚ କି ଜିଲ୍ଲା ପରିଷଦ ନିର୍ବାଚନ ଲଢିବେ ନାହିଁ, ତେଣୁ ତାଙ୍କର ପଞ୍ଚାୟତ ନିର୍ବାଚନରେ ୧୦୦ ପ୍ରତିଶତ ଆରକ୍ଷଣ ହେଲେ ବି ତାଙ୍କର କିଛି ଅସୁବିଧା ନାହିଁ, କାରଣ ତାଙ୍କର ସେଥିରେ ସ୍ୱାର୍ଥ ହାନି ହେଉନାହିଁ । କିନ୍ତୁ, ଯଦି ବିଧାନ ସଭା ଓ ଲୋକସଭା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁହୁଏ, ତେବେ ନିଶ୍ଚିତ ଭାବେ ତାଙ୍କର ସ୍ୱାର୍ଥ ବାଧିତ ହେବ । ତେଣୁ, କୌଣସି ନା କୌଣସି ବାହାନାରେ ଏହି ବିଲ ବିରୋଧରେ ତାଙ୍କର ମତାମତ ଦେଉଛନ୍ତି ।

### ଛୁଟି ଘୋଷଣା

ଶ୍ରମିକ ଦିବସ ଅବସରରେ 'ଆଜିକାଲି' ପ୍ରେସ୍ ଓ କାର୍ଯ୍ୟାଳୟ ୦୧।୦୫।୨୦୨୬ ରିଖ ଶୁକ୍ରବାର ବନ୍ଦ ରହିବ । ପରବର୍ତୀ ସଂସ୍କରଣ ଆସନ୍ତା ୦୩।୦୫।୨୦୨୬ ରିଖ ରବିବାର ପ୍ରକାଶ ପାଇବ ।

– ପରିଚାଳକ







## ମଇ ଦିବସ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

"ମଇ ଦିବସ" ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ "ବିକଶିତ ଓଡ଼ିଶା–ବିକଶିତ ଭାରତ" ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-1001/1001/2/26-27/0001

1001/31/2627



## ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ରାଜ୍ୟର ବିକାଶ କ୍ଷେତ୍ରରେ ଆପଣମାନଙ୍କ ଅମୂଲ୍ୟ ଯୋଗଦାନ ପ୍ରତି ମୁଁ ସମ୍ମାନ ଜଣାଉଛି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ।

ଆସନ୍ତୁ, ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ସମସ୍ତେ ସମ୍ମିଳିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



# ପିଏମ ସୂର୍ଯ୍ୟଘର ଯୋଜନାରେ ୬,୩୦୦ରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କ ଶୂନ ୟୁନିଟ ବିଲିଂ

ବାଲେଶ୍ୱର, (ନି.ପ୍ର.) ସୁଫଳ ଆଣିଛି ପିଏମ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା । ସରକାରଙ୍କ ଏହି ଯୋଜନାରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରି ଉପଭୋକ୍ତମାନେ ନିଜର ବିଜୁଳି ବିଲ୍ ରେ ଆଶାତୀତ ହ୍ରାସ କରିବାରେ ସଫଳ ହୋଇଥିବା ଦେଖିବାକୁ ମିଳିଛି । ବିଶେଷ କରି ଅନେକ ବିଜୁଳି ଉପଭୋକ୍ତାଙ୍କ ଘରର ବିଦ୍ୟୁତ୍ ବ୍ୟବହାର ପାଇଁ ଶୂନ୍ୟ ୟୁନିଟ ବିଲିଂ ଆସିବା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ଓ ସାଧାରଣତଃ ଗ୍ରୀଷ୍ମରେ ଉପଭୋକ୍ତାମାନେ ବିଜୁଳି ବିଲ୍କୁ ନେଇ ଅଧିକ ଚିନ୍ତା ପ୍ରକଟ କରୁଥିଲେ ହେଁ ଏବେ ଏହି ଯୋଜନା ସେମାନଙ୍କ ପାଇଁ ବରଦାନ ସାଜିଛି । ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍), ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍ ?ଏ) ମଡେଲ୍ ଅଧୀନରେ ରୁଫଟପ୍



ସୋଲାର ସ୍ଥାପନକୁ ଆହୁରି ତ୍ୱରାନ୍ୱିତ କରିଛି । ସଂସ୍ଥା ପକ୍ଷରୁ ୧-କିଲୋୱାଟ୍ ବିଦ୍ୟୁତ୍ ସଂଯୁକ୍ତ ଘରୋଇ ଉପଭୋକ୍ତାଙ୍କୁ ମାତ୍ର ୫୬୨୨ ଟଙ୍କାରେ ଉଚ୍ଚ ଗୁଣମାନ ଓ ସୁରକ୍ଷିତ ସୌର ପ୍ୟାନେଲ ସ୍ଥାପନା କରାଯାଉଛି ଓ ଏହି କ୍ରମରେ ଏଯାବତ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ୧୦,୫୦୭ ଜଣ ଉପଭୋକ୍ତା ନିଜ ଘର ଛାତରେ ୧ କିଲୋୱାଟର ସୌରତନ୍ତ୍ର ସ୍ଥାପନ କରିଛନ୍ତି ଓ ସେହି ପରି, ପିଏମ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା ଅଧୀନରେ ମଧ ପାଂଚଟି ଜିଲ୍ଲାରେ ୧୧,୫୦୦ରୁ ଅଧିକ ଉପଭୋକ୍ତା ୧ ରୁ ୩କିଲୋୱାଟ ପର୍ଯ୍ୟନ୍ତ ସୌର ପ୍ୟାନେଲ ସ୍ଥାପନ କରି ଲାଭବାନ ହୋଇଛନ୍ତି । ସୂଚନା ମୁତାବକ ପିଏମ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା ଏବଂ ୟୁଏଲ୍ ?ଏ ମଡେଲରେ ବାଲେଶ୍ୱର ଜିଲ୍ଲାରେ ଏଯାବତ ୮,୧୨୭ ଜଣ ଉପଭୋକ୍ତା ଘର ଛାତରେ ସୌର ପ୍ୟାନେଲ ସ୍ଥାପନ କରିଥିବାବେଳେ ଭଦ୍ରକରେ ୨୭୫୧, ଯାଜପୁରରେ ୩୫୭୩, କେନ୍ଦୁଝରରେ ୨୯୦୦ ଓ ମୟୂରଭଞ୍ଜରେ ୪୬୭୬ଜଣ ଉପଭୋକ୍ତା ସୌର ପ୍ୟାନେଲ ସ୍ଥାପନ କରିଛନ୍ତି । ଏହିପରି ଉତର ଓଡିଶାରେ ଉପଭୋକ୍ତମାନେ ଏହି ଯୋଜନାରେ ଏ ଯାଏଁ ସର୍ବମୋଟ ୪୭ମେଗାୱାଟର ରୁଫ ଟଫ ସୋଲାର ସ୍ଥାପନ କରିଛନ୍ତି ଓ ସବୁଠୁ ଆନନ୍ଦର ବିଷୟ ହେଲା ଯେ ଗତ ମାସରେ ପ୍ରାୟ ୬,୩୦୨ ଉପଭୋକ୍ତାଙ୍କ ଘରେ ମାସିକ ଶୂନ ୟୁନିଟ ବିଦ୍ୟୁତ ବିଲ୍ ଆସିଛି । ଏହା ସହ ଅର୍ଦ୍ଧାଧିକ ଉପଭୋକ୍ତାଙ୍କ ବିଲିଂରେ ମଧ ଆଶାତୀତ ହ୍ରାସ ଘଟିଥିବା ସେମାନେ ଦର୍ଶାଇବା ସହ ଏହାକୁ ନେଇ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି । ଭଦ୍ରକ ଜିଲ୍ଲା ଧାମନଗର ଅଂଚଳର ରମ୍ଭାମଣୀ ସେଠୀ କହନ୍ତି ଯେ, ସେ ବିଗତ ଦୁଇ ମାସ ହେବ ୧-କିଲୋୱାଟର ସୋଲାର ପ୍ୟାନେଲ ଘରେ ସ୍ଥାପନ କରିଛନ୍ତି । ଦୁଇ ମାସ ହେଲା ବିଦ୍ୟୁତ ଦେୟ ବାବଦକୁ ଶୂନ୍ୟ ୟୁନିଟ ବିଲିଂ ମଧ ହୋଇଛି । ଏହି ଯୋଜନା ତାଙ୍କ ପରିବାର ପାଇଁ ବେଶ୍ ସହାୟକ ହୋଇଥିବା ସେ କହିଛନ୍ତି । ପିଏମ ସୂର୍ଯ୍ୟଘର ଯୋଜନାରେ ୩କିଲୋୱାଟ ସୋଲାର ବ୍ୟବସ୍ଥା ସ୍ଥାପନ କରିଥିବା କେନ୍ଦୁଝର ଘଟଗାଁ ଅଂଚଳର ସବିତା ପଲେଇ କହିଛନ୍ତି ଯେ, ପୂର୍ବରୁ ମାସକୁ ୧୨୦୦/୧୫୦୦ ବିଦ୍ୟୁତ୍ ବିଲ୍ ଆସୁଥିବାବେଳେ ଏବେ ୧୫୦ରୁ ୨୦୦ଟଙ୍କାକୁ ତାହା ଖସି ଆସିଛି ।

ଏହି ଯୋଜନା ବିଷୟରେ ଟିପିଏନଓଡ଼ିଏଲ ପକ୍ଷରୁ ବହୁବିଧ ଜନ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ଅଧିକ ଜାଣିବା ପାଇଁ ଉପଭୋକ୍ତାଙ୍କୁ ନିକଟସ୍ଥ ଟିପିଏନଓଡ଼ିଏଲ କାର୍ଯ୍ୟଓଳୟ ଅଥବା ଦେୟମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ କିମ୍ବା ୧୯୧୨ରେ ଯୋଗାଯୋଗ କରିବାପାଇଁ ସଂସ୍ଥା ପକ୍ଷରୁ ଦର୍ଶାଯାଇଛି ।

# ଅରୁଣ ଦେ ଆଜୀବନ ଗରିବ ଏବଂ ସାଧାରଣ ମଣିଷଙ୍କ ପାଇଁ ସଂଗ୍ରାମ ଜାରି ରଖିଥିଲେ

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱରର ବିଶିଷ୍ଟ ରାଜନେତା ତଥା ୫ଥର ବିଧାୟକ ହୋଇଥିବା ଅରୁଣ ଦେଙ୍କର ୮୦ତମ ଜୟନ୍ତୀ ସ୍ମୃତି ପରିଷଦ ଆନୁକୁଲ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ମଲ୍ଲିକାଶପୁରସ୍ଥିତ ତାଙ୍କ ବାସଭବନ ଠାରେ ଥିବା ତାଙ୍କ ପ୍ରତିମୂର୍ତି ଏବଂ ତାଙ୍କ ପିତା ସ୍ୱର୍ଗତଃ ଗୋଲକନାଥ ଦେଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବା ପରେ ଏକ ଶୋଭାଯାତ୍ରାରେ ଅରୁଣ ଦେଙ୍କ ସାଥି ଓ ସମର୍ଥକମାନେ ଓଟି ରୋଡ଼ ପାର୍ଶ୍ୱରେ ଥିବା ସ୍ୱର୍ଗତଃ ଦେ ଙ୍କ ବ୍ରୋଞ୍ଜ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସ୍ୱର୍ଗତଃ ଦେ ଜୀବନ ତମାମ ସାଧାରଣ ମଣିଷ, ଗରିବ , ମଧ୍ୟବିତ ଏବଂ ଶ୍ରମିକ ଶ୍ରେଣୀ ପାଇଁ ଯେଉଁ କାର୍ଯ୍ୟ କରି ଯାଇଛନ୍ତି ସେଥିପାଇଁ ବାଲେଶ୍ୱର ବାସୀ ତାଙ୍କ ନିକଟରେ ଚିରକୃତଜ୍ଞ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ । ସେ ବିଧାୟକ ଥିବାବେଳେ ବାଲେଶ୍ୱର ବିକାଶ ଦୃଢ ମୂଳଦୂଆ ପକାଇଥିଲେ ବୋଲି ଅତିଥିମାନେ ମତ



ପୋଷଣ କରିଥିଲେ । ବିଶିଷ୍ଟ ନାରୀ ନେତ୍ରୀ ଡକ୍ଟର ଲେଖାଶ୍ରୀ ସାମନ୍ତ ସିଂହାର, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ ପ୍ରମୁଖ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ପରିଷଦର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତି ଏବଂ ସାଧାରଣ ସମ୍ପାଦକ ରଂଜନ ବାଗ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ତପନ ଚକ୍ରବର୍ତୀ, ପ୍ରାକ୍ତନ ଉପନଗରପାଳ ମନୋଜ କୁମାର ରାଉତ, ପ୍ରଫେସର ଶତୃଘ୍ନ ମଲ୍ଲିକ, ପରିଷଦର ବରିଷ୍ଠ ସଦସ୍ୟ କବି ଶ୍ରୀଦେବ,ବିଶ୍ୱଜିତ ମହାପାତ୍ର, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ,ବିନୋଦ ଜୀ, ଅଭିଜିତ ଦାସ, ଗୋବିନ୍ଦ ରାଠୀ, ସମ୍ପତ ଦାସ, ଭୋଳାନାଥ ବେହେରା, ତ୍ରୀଲୋଚନ ବାରିକ, ପ୍ରଫେସର ଦୀପକ ଦାସ, ମଧୁସୂଦନ ଦାସ, ଯୁବନେତା ଧିରେନ ନାୟକ, ସତ୍ୟରଂଜନ ଦାସ, ଚିରାଗ ଚୌହାନ୍, ଦେବାଶିଷ ଦାଶ, ଛାତ୍ରନେତା ବିଭୁଦତ ପରିଡ଼ା, ସୌଭାଗ୍ୟ ଖୁଂଟିଆ, ଜୟନ୍ତ ମହାପାତ୍ର,ରାଜା ଦେ, ବିକାଶ ବେହେରା, ତପନ କୁମାର ଦାସ, ହର୍ଷ ଖଣ୍ଡେଲୱାଲ,ନନ୍ଦିତା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱର୍ଗତଃ ଦେଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଶେଷରେ ପରିଷଦ ପକ୍ଷରୁ ପଥଚାରୀମାନଙ୍କୁ ଦହିସର୍ବତ ବଂଟନ କରାଯାଇଥିଲା ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର, (ନି.ପ୍ର.): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସଭାପତି ଇଂ. ବନମାଳୀ ନାୟକଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତୀ ପାଳିତ ହୋଇଯାଇଛି । ମଧୁବାବୁଙ୍କ ଫଟୋଚିତ୍ରରେ ସମୂହ ପୁଷ୍ପମାଲ୍ୟ ଓ ପୁଷ୍ପାର୍ଘ୍ୟ ପ୍ରଦାନ ପରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା । ମଧୁବାବୁଙ୍କ ରଚିତ କବିତା ମଧ ପାଠ କରାଯାଇଥିଲା । ତାଙ୍କ ପ୍ରତି ଶ୍ରଦ୍ଧା ଜ୍ଞାପନ ପୂର୍ବକ ସଂଘ ସଭାପତି, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, କାମିନୀକାନ୍ତ ପାଢ଼ୀ, ନରେଶ ଚନ୍ଦ୍ର ଦାଶ ପ୍ରମୁଖ ସଦସ୍ୟମାନେ ମଧୁବାବୁଙ୍କ ସଂଘର୍ଷମୟ ଜୀବନ, ଓଡ଼ିଆ ଓ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ନିରନ୍ତର ଉଦ୍ୟମ, ଦେଶରେ ପ୍ରଥମ ଭାଷାଭିତିକ ରାଜ୍ୟ ଗଠନରେ ପ୍ରମୁଖ ଭୂମିକା, ନାରୀଶିକ୍ଷା ଓ ନାରୀଙ୍କ ଅଧିକାର ନିମନ୍ତେ ଲଢ଼େଇ, ଶିଳ୍ପ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ବ୍ୟକ୍ତିଗତ ଉଦ୍ୟମ, ତାଙ୍କର ତ୍ୟାଗ ଓ ସେବା ଭାବ ଆଦି ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ ଅର୍ଥ ସମ୍ପାଦକ ଯୁଧିଷ୍ଠିର ନନ୍ଦ, ଉପଦେଷ୍ଟା ଗୌରପ୍ରିୟ ମିଶ୍ର, ଜ୍ଞାନେନ୍ଦ୍ର ସାହୁ, ଶଚୀନ୍ଦ୍ର ଦାସ, ଅନୁପ ଆଚାର୍ଯ୍ୟ, କାଳିଚରଣ ବେହେରା, ଅମୂଲ୍ୟ ପଟ୍ଟନାୟକ, ଭାସ୍କର ମିଶ୍ର, ସୁରେନ୍ଦ୍ର ଧଳ, କେଶବ ମହାନ୍ତି, ଶ୍ରୀରାମ ଦାଶ, ତପନ ପଣ୍ଡା, ନିରଞ୍ଜନ ପରିଡ଼ା, ସତ୍ୟନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ଭବେଶ ଚନ୍ଦ୍ର ପଣ୍ଡା ଓ କ୍ଷେତ୍ରମୋହନ ନାୟକ ପରିଚାଳନାରେ ସହଯୋଗ କରିଥିଲେ ।

ସାଧାରଣ ସମ୍ପାଦକ ଦାମୋଦର ନାୟକ ମଧୁବାବୁଙ୍କ ଜୀବନ, ଜୀବିକା, ଚିନ୍ତା ଚେତନା ଏପରିକି ବ୍ୟକ୍ତିଗତ ସମ୍ପତି ମଧ ଓଡ଼ିଆ ଓ ଓଡ଼ିଶା ପାଇଁ ସମର୍ପିତ ଥିଲା ବୋଲି ମତବ୍ୟକ୍ତ କରିଥିଲେ । ତାଙ୍କର ସାମଗ୍ରିକ ଗୁଣ ଓ ସେବା ମନୋଭାବ ଆଜିର ଯୁବପିଢ଼ିଙ୍କୁ ଅବଗତ କରାଇବା ସହିତ ସେମାନେ ସେ ସବୁ ଦ୍ୱାରା ଅନୁପ୍ରାଣିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଓ ତାହାହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଆରଟିଆଇ ସଚେତନତା ପାଇଁ ମୁଖ୍ୟ ସୂଚନା ଆୟୁକ୍ତ କାର୍ଯ୍ୟାଳୟକୁ ମାନବାଧିକାର ଇଂଟର୍ନଙ୍କ ପରିଦର୍ଶନ

ବାଲେଶ୍ୱର(ନି.ପ୍ର.) : ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୪୩ ଜଣ ସ୍ନାତକ ଛାତ୍ରୀ, ଯେଉଁମାନେ ବର୍ତମାନ ଭୁବନେଶ୍ୱରର ସହିଦ ନଗରସ୍ଥିତ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ (ସିଏଚଆରସି) ଆୟୋଜିତ ମାନବାଧିକାର ଇଂଟର୍ନଶିପ୍ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି, ସେମାନେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ମୁଖ୍ୟ ସୂଚନା ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ସୂଚନା ଅଧିକାର (ଆରଟିଆଇ) ବିଷୟରେ ଏକ ସଂବାଦାତ୍ମକ ସତ୍ରରେ ଅଂଶଗ୍ରହଣ କରିଥିଲେ ।ଏହି ସତ୍ରରେ ଆରଟିଆଇ ଆଇନର ଭୂମିକା ଉପରେ ଆଲୋଚନା ହୋଇଥିଲା, ଯାହା ପାରଦର୍ଶିତା, ଦାୟିତ୍ୱବୋଧ ଓ ମାନବାଧିକାର ସୁରକ୍ଷା ପାଇଁ ଏକ କାର୍ଯ୍ୟକ୍ଷମ ମାଧମ । ଛାତ୍ରୀମାନଙ୍କ ସହ ଆଲୋଚନା କରିବା ସମୟରେ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ କୁମାର ପରିଡା ପ୍ରଶାସନିକ କାର୍ଯ୍ୟରେ ପାରଦର୍ଶିତାର ଗୁରୁତ୍ୱ ଉଲ୍ଲେଖ କରି ଏହାକୁ ନାଗରିକଙ୍କ ମୌଳିକ ଅଧିକାର ସୁରକ୍ଷାର ଏକ ମୂଳ ଉପାୟ ବୋଲି କହିଥିଲେ ।ସେ କହିଥିଲେ ଯେ ସୂଚନାର ଉପଲବ୍ଧତା ଲୋକଙ୍କୁ ସଶକ୍ତ କରେ, ଲୋକତାନ୍ତ୍ରିକ ଶାସନକୁ ଶକ୍ତିଶାଳୀ କରେ ଓ ସାର୍ବଜନିନ ପ୍ରଶାସନରେ ନ୍ୟାୟସଂଗତତାକୁ ସୁନିଶ୍ଚିତ କରେ ।ଏହି ଅବସରରେ ସିଏଚଆରସିର ବରିଷ୍ଠ ସଦସ୍ୟମାନେ ଛାତ୍ରୀମାନଙ୍କ ସହ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରେ ଥିଲେ ପ୍ରୋଫେସର ନିରଞ୍ଜନ ବାରିକ (ଜାତୀୟ ପରାମର୍ଶଦାତା), ଇଞ୍ଜିନିୟର ବିଜୟ କୁମାର ସେଠୀ (ବାଲେଶ୍ୱର ଇଉନିଟ୍ ପରାମର୍ଶଦାତା), ଶ୍ରୀ ନୃସିଂହ ନାଥ ନନ୍ଦ (ଜାତୀୟ ସଂଯୋଜକ), ଡ଼କ୍ଟର ଗୋପବନ୍ଧୁ ମଲ୍ଲିକ (ଅଧ୍ୟକ୍ଷ, ସିଏଚଆରସି), ପ୍ରୋଫେସର ରଶ୍ମି ରାଉଳ (ସଂଗଠନ ସଚିବ, ସିଏଚଆରସି), ଡ଼କ୍ଟର ଶରତ



ଚନ୍ଦ୍ର ବେହେରା ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସୁଶ୍ରୀ ଏସିଆ ଖାତୁନ । ଏହି ପରିଦର୍ଶନ ଛାତ୍ରୀମାନଙ୍କ ପାଇଁ ଜ୍ଞାନବର୍ଧକ ଓ ପ୍ରେରଣାଦାୟକ ସାବ୍ୟସ୍ତ ହୋଇଥିଲା, ଯାହା ମାଧମରେ ସେମାନେ ସୂଚନା ଆୟୋଗର କାର୍ଯ୍ୟପ୍ରଣାଳୀ ଓ ମାନବାଧିକାର ସୁରକ୍ଷାରେ ଆରଟିଆଇର ବ୍ୟବହାରିକ ଗୁରୁତ୍ୱ ବିଷୟରେ ଭଲଭାବେ ବୁଝିଥିଲେ ।

# ସାବିତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବାଲେଶ୍ୱର(ନି.ପ୍ର.) ଗୋପାଳ ଗାଁ ର ସର୍ବ ପୁରାତନ ସାବିତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ସହକାରୀ ଶିକ୍ଷୟିତ୍ରୀ ଅମିତା ଦାଶ ଆଜି ନିଜ ଚାକିରୀ ରୁ ଅବସର ଗ୍ରହଣ କରିଛନ୍ତି. । ଦୀର୍ଘ ବର୍ଷ ଧରି ଶ୍ରୀମତୀ ଦାଶ ଛାତ୍ର ଚତ୍ରରଙ୍କୁ ଶିକ୍ଷା ପ୍ରଦାନ କରିଥିବା ଦୃଷ୍ଟି ରୁ ଆଜି ପୂର୍ବାହ୍ନ ରେ ବିଦ୍ୟାଳୟ ପରିସର ରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଦାୟକାଳୀନ ସଭା ର ଆୟୋଜନ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ବନଲତା ପ୍ରଧାନ ଙ୍କ ପୌରହିତ୍ୟ ରେ ଆୟୋଜିତ ବିଦାୟକାଳୀନ ସଭା ରେ ଅତିଥି ଭାବେ ସି ଆର ସି ସି ସରିତା ଦ୍ୱିବେଦୀ, ଶିକ୍ଷକ ସଙ୍ଘ ର ନେତା ଅରୁଣ କୁମାର ପାତ୍ର ଏସ ଏମ ସି ର ସଭାପତି ସରସ୍ୱତୀ ମହନ୍ତ, ବିଦ୍ୟାଳୟ ର ପୁରାତନ ଛାତ୍ର ସଂସଦ ର ସଦସ୍ୟ ପ୍ରଶାନ୍ତ କୁମାର ମହାନ୍ତି, ହସିନା ବିବି, ଅଜିତ କୁମାର ମହାନ୍ତି, ଦୁଷ୍ମନ୍ତ ଦାସ, ପ୍ରଦୀପ କୁମାର ମହାନ୍ତି ,ପ୍ରମୁଖ ମଂଚାସୀନ ଥିଲେ । ଶିକ୍ଷୟତ୍ରୀ ପଙ୍କଜିନୀ ପଣ୍ଡା ଧନ୍ୟବାଦ ଅର୍ପଣ



କରିଥିଲେ । ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଙ୍କୁ ବିଦ୍ୟାଳୟ ପକ୍ଷରୁ ମାନ ପତ୍ର, ଉପଢୌକନ, ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଶିକ୍ଷୟିତ୍ରୀ ଶ୍ରୀମତି ଦାଶ ନିଜର ଅଭିଭାଷଣ ରେ ବିଦ୍ୟାଳୟ, ଛାତ୍ର ଛାତ୍ରୀ, ଅଭିଭାବକ ଓ ନିଜ ସହଯୋଗୀ ମାନେ ତାଙ୍କୁ ଅନେକ କିଛି ବିଗତ ୩୦ବର୍ଷ ମଧରେ ଅନେକ କିଛି ଦେଇଛନ୍ତି ବୋଲି କହିଥିଲେ ।ଅତିଥି ମାନେ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଙ୍କ ଛାତ୍ର ବତ୍ସଳ ମନୋଭାବ ଓ ଶିକ୍ଷା ଦାନ ପଦ୍ଧତି କୁ ପ୍ରଶଂସା କରିଥିଲେ । ଅବସର ଗ୍ରହଣ ଦିବସ ରେ କିଭଳି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପେନସନ ର କାଗଜ ପତ୍ର ହାସଲ କରିପାରିବେ ତାହା ଗତ ବର୍ଷ ପର୍ଯ୍ୟନ୍ତ ପ୍ରଚଳନ ଥିବା ବେଳେ ଏବେ ଏହାର ବ୍ୟତିକ୍ରମ ଘଟିଛି ବୋଲି ଶିକ୍ଷକ ନେତା ଅରୁଣ ପାତ୍ର ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମ ରେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଜେନା, ସନ୍ଧ୍ୟା ରାଣୀ ନାୟକ, ପ୍ରାଚୀ ପ୍ରଭା ପଣ୍ଡା, ମଞ୍ଜୁ ଶ୍ରୀ ପଡିଆରୀ, ଫରି ଦା ଖାତୁନ, ଲକ୍ଷ୍ମୀ ପ୍ରିୟା ସାମଲ, ସ୍ୱର୍ଣ୍ଣ ଲତା କର ଓ ଶିକ୍ଷୟିତ୍ରୀ ତୃପ୍ତି ଲତା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ନିଜର କର୍ମମୟ ଜୀବନରେ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତ ଗଠନ ପାଇଁ ବହୁ ହିତଉପଦେଶ ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିଥିଲେ ।

# ମଧୁସୂଦନ ସଂସ୍କୃତି ପରିଷଦ ପକ୍ଷରୁ ମଧୁସୂଦନଙ୍କ ଜୟନ୍ତୀ ଉତ୍ସବ

ବାଲେଶ୍ୱର(ନି.ପ୍ର.) : ଗତ ୨୮ ତାରିଖ ସଂଧ୍ୟାରେ ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ମଧୁସୂଦନ ସଂସ୍କୃତି ପରିଷଦ ପକ୍ଷରୁ ମଧୁବାବୁଙ୍କ ୧୭୯ତମ ଜୟନ୍ତୀ ଉତ୍ସବ ବିଶିଷ୍ଟ ସମାଜସେବୀ ଶିକ୍ଷାବିତ୍ ଡ. ପଂକଜ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ପର୍କିତ ଓଡ଼ିଶାର ଗଠନ କ୍ଷେତ୍ରରେ ତାଙ୍କର ଅବଦାନ ଥିଲା ଅବର୍ଣ୍ଣନୀୟ ବୋଲି ବକ୍ତାମାନେ କହିଥିଲେ । ପରିଷଦର ସାଧାରଣ ସମ୍ପାଦକ ପୁରୁଷତମ ବିଶ୍ୱାଳ ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲା ବେଳେ ଆଇନଜୀବୀ ପ୍ରଜ୍ଞା ପାରମିତା ବିଶ୍ୱାଳ ଅତିଥିମାନଙ୍କୁ ମଂଚ ଆହ୍ୱାନ




ହୋଇଯାଇଛି । ଆୟୋଜିତ ଉତ୍ସବରେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଡ. ରତ୍ନାକର ସିଂ, ସମ୍ମାନିତ ବକ୍ତା ଭାବେ ସମାଜସେବୀ ଭଗବାନ ଦାସ, ବିଶିଷ୍ଟ କଥାକାର ତଥା ମୁଖ୍ୟବକ୍ତା ଭାବେ ଡା.କାଳିପଦ ପଣ୍ଡା ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ କାର୍ଯ୍ୟ ପରିଚୟ ପ୍ରଦାନ କରିଥିଲେ । ଶ୍ରୀମତୀ ମିନତୀ ସେଠୀ ଧନ୍ୟବାଦ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଗୀତା ବେହେରା, ରାମେଶ୍ୱର ବେହେରା, ସମରେନ୍ଦ୍ର ଦାସ ପ୍ରମୁଖ । ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ବିଶିଷ୍ଟ ବ୍ୟକ୍ତି, ସାରସ୍ୱତ ସାଧକ ପ୍ରମୁଖ ଯୋଗ ଦେଇଥିଲେ ।

# ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଉତ୍ସାହମୟ ପରିବେଶରେ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଂଟ ୨୦୨୫-୨୬ ଆରମ୍ଭ

ବାଲେଶ୍ୱର(ନି.ପ୍ର.)ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବହୁ ପ୍ରତୀକ୍ଷିତ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଂଟ ୨୦୨୫-୨୬, ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ଶୁଭାରମ୍ଭ ହୋଇଛି । ଜିଲ୍ଲାର ବିଭିନ୍ନ ଗ୍ରାମୀଣ ଅଂଚଳରୁ ଆସିଥିବା ଫୁଟବଲ୍ ପ୍ରତିଭାମାନଙ୍କୁ ଏକତ୍ରିତ କରି ଏହି ଆୟୋଜନ କ୍ରୀଡାସ୍ପୃହା, ଏକତା ଓ ତୃଣମୂଳ ସ୍ତରର କୌଶଳକୁ ସୁସଜ୍ଜିତ ଭାବେ ପ୍ରକାଶ କରିପାରିଛି ।ଟୁର୍ଣ୍ଣାମେଂଟଟି ଏପ୍ରିଲ ୩୦, ୨୦୨୬ ପର୍ଯ୍ୟନ୍ତ ଚାଲିବ । ଗ୍ରାମୀଣ ଅଂଚଳରୁ ପ୍ରତିଭାଶାଳୀ ଫୁଟବଲ୍ ଖେଳାଳିଙ୍କୁ ଚିହ୍ନଟ, ପ୍ରୋତ୍ସାହନ ଓ ଉନ୍ନୟନ କରିବା ଉଦ୍ଦେଶ୍ୟରେ ଏହି ଟୁର୍ଣ୍ଣାମେଂଟର ଆୟୋଜନ କରାଯାଇଛି । ଏହା ବିଶ୍ୱବିଦ୍ୟାଳୟର ଯୁବ ସଶକ୍ତିକରଣ ଓ ଗ୍ରାମ ସ୍ତରରେ କ୍ରୀଡା ଭିତିକୁ ସୁଦୃଢ କରିବାର ପ୍ରୟାସକୁ ସଫଳ କରିଛି । ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ, ତାଙ୍କର ପ୍ରେରଣାଦାୟକ ଉଦବୋଧନରେ ଖେଳାଳିମାନଙ୍କୁ ନିଷ୍ଠା, ଶୃଙ୍ଖଳା ଓ ସତ୍ୟ କ୍ରୀଡାସ୍ପୃହା ସହିତ ଖେଳିବାକୁ ଆହ୍ୱାନ କରିଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଗ୍ରାମୀଣ କ୍ରୀଡାର ଉନ୍ନତିର ଗୁରୁତ୍ୱ ଉଲ୍ଲେଖ କରି ଅଂଶଗ୍ରାହୀମାନଙ୍କୁ ଏହି ସୁଯୋଗର ସର୍ବାଧିକ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ । କୁଳସଚିବ ଶ୍ରୀମତୀ



କୁକୁମୀନା ଦାସ ସମସ୍ତ ଦଳକୁ ଶୁଭେଚ୍ଛା ଜଣାଇ କ୍ରୀଡାର ସାମଗ୍ରିକ ବିକାଶରେ ଭୂମିକାକୁ ଉଲ୍ଲେଖ କରିଥିଲେ । ଏହି ଅବସରରେ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ,ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ,ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ସଂଗ୍ରାମ ବିଶୋଇ ଉପସ୍ଥିତ ଥିଲେ । ଏହି ଟୁର୍ଣ୍ଣାମେଂଟରେ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି, ଯେଉଁମାନେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ କ୍ଲବ୍ ?କୁ ପ୍ରତିନିଧିତ୍ୱ କରୁଛନ୍ତି — ବାଲିଆପାଳ ବ୍ଲକ୍, ଦୁର୍ଗାଦେବୀପୁର (ରେମୁଣା), ବାଲେଶ୍ୱର ସଦର, ଚତୁରିଖୁଂଟା, ବାଲେଶ୍ୱର ପୌରପାଳିକା, ଏମ୍ ?.ଜି କ୍ଲବ୍ (ନୂଆପାଢୀ), ନିମପାଳ (ନିଳଗିରି ବ୍ଲକ୍), ମଖାପଦା, ମହାବୀର କ୍ଲବ୍ ସିରେଇପୁର, ସିମୁଳିଆ ବ୍ଲକ୍, ଔପଦା ବ୍ଲକ୍, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାହାନଗା ବ୍ଲକ୍, ନିଳଗିରି ବ୍ଲକ୍, ଜଳେଶ୍ୱର ବ୍ଲକ୍ ଓ ରେମୁଣା ବ୍ଲକ୍ । ବିଶ୍ୱବିଦ୍ୟାଳୟ ପରିସରରେ ଏହି ଆୟୋଜନ ଉତ୍ସବମୟ ପରିବେଶ ସୃଷ୍ଟି କରିଛି, ଯେଉଁଠାରେ ଖେଳାଳିମାନେ ତାଙ୍କର ଅସାଧାରଣ କୌଶଳ, ଦଳୀୟ ସମନ୍ୱୟ ଓ ପ୍ରତିଯୋଗୀତାମୂଳକ ମନୋଭାବ ପ୍ରଦର୍ଶନ କରୁଛନ୍ତି । ଫକୀର ମୋହନ ବିଶ୍ୱବିଦ୍ୟାଳୟ ନିରନ୍ତର ଭାବେ କ୍ରୀଡା ସଂସ୍କୃତିକୁ ପ୍ରୋତ୍ସାହନ ଓ ନୂତନ ପ୍ରତିଭାଙ୍କୁ ସଫଳତାର ଅବସର ଯୋଗାଇବା ସହ ଏହି ଟୁର୍ଣ୍ଣାମେଂଟ ଗ୍ରାମୀଣ ଫୁଟବଲ ଖେଳାଳିମାନଙ୍କ ପାଇଁ ଆଗକୁ ବଢ଼ିବାର ଏକ ମହତ୍ୱପୂର୍ଣ୍ଣ ସୋପାନ ସାବ୍ୟସ୍ତ ହେବ ବୋଲି ଆଶା କରାଯାଇଛି ।





# ୟୁ.କେ.ଓଡ଼ିଶା ସାମଜ ପକ୍ଷରୁ ସପ୍ତମ ଉତ୍କଳ ଦିବସ ପାଳନ



ଲଣ୍ଡନ: ଓଡ଼ିଶା ସମାଜ ୟୁନାଇଟେଡ କିଙ୍ଗଡମ (ଓସୁକ) ପକ୍ଷରୁ ସପ୍ତମ ଉତ୍କଳ ଦିବସ ଏଠାରେ ନିକଟରେ ମହାସମାରୋହରେ ପାଳନ କରାଯାଇଥିବା ଜଣାଯାଇଛି । ଏହି ଉପଲକ୍ଷେ ଉତ୍ସବ ସ୍ଥଳ ଲଣ୍ଡନର ଫ୍ରେମା[ଲ ମାର୍ଗ ସ୍ଥିତ ଇଲଫୋର୍ଡ କାଉଂଟି ଉଚ୍ଚ ବିଦ୍ୟାଳୟର ପ୍ରେକ୍ଷାଳୟକୁ ଖୁବ ସୁନ୍ଦର ଭାବରେ ସଜା ଯାଇଥିଲା । ସମଗ୍ର ପରିବେଶ ଉତ୍ସବ ମୁଖର ହୋଇ ଉଠିଥିଲା । ପ୍ରେକ୍ଷାଳୟକୁ ଏକ ମିନି ଓଡ଼ିଶା ଭାବରେ ଉପସ୍ଥାପନ କରିବାର ଦୃଶ୍ୟ ବେଶ୍ ମର୍ମସ୍ପର୍ଶୀ ଥିଲା । ଓଡ଼ିଶା ଓ ଓଡ଼ିଆତ୍ୱର ପ୍ରତିଭା, ପାରଦର୍ଶିତା ତଥା ପ୍ରତିପତିର ଭବ୍ୟ ପ୍ରଦର୍ଶନ ଏଠାରେ ଘଟିଥିଲା । ଓଡ଼ିଶାର ଉତ୍କୃଷ୍ଟ କଳା ଉନ୍ନତ ସଂସ୍କୃତି , ଉତ୍ତୁଙ୍ଗ ଐତିହ୍ୟ, ମହାନ ପରମ୍ପରା, ଗର୍ବିତ ଭାଷା ଏବଂ ମାନବୀୟ ମୁଲ୍ୟବୋଧର ଶ୍ରେଷ୍ଠତ୍ୱକୁ ପ୍ରତିପାଦନ କରାଯିବାର ଏହି ମହୋତ୍ସବ ଏକ ପ୍ରକୃଷ୍ଟ କ୍ଷେତ୍ର ଥିଲା । ଉତ୍କଳ ଦିବସ ପାଳନରେ ସାମିଲ ହେବା ପାଇଁ ଲଣ୍ଡନ ଏବଂ ୟୁରୋପର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସଂଖ୍ୟାରେ ଓସୁକର ସଦସ୍ୟ, ଶୁଭେଚ୍ଛୁ ଏବଂ ପ୍ରବାସୀ ଓଡ଼ିଆ ନେତୃବୃନ୍ଦ ଏଠାକୁ ଆସିଥିବା ଲକ୍ଷ୍ୟ କରାଯାଇଥିଲା । ସ୍ୱାଗତ ଭାଷଣ ପ୍ରଦାନ କରି କୋର ଗ୍ରୁପର ବରିଷ୍ଠ ସଦସ୍ୟ ସୁମନ୍ତ ମାନସିଂହ, ଉତ୍କଳ ଦିବସ ପାଳନ ଲଣ୍ଡନରେ ଅବସ୍ଥାପିତ ଓଡ଼ିଆ ସମ୍ପ୍ରଦାୟର ସମ୍ମିଳିତ ନେତୃତ୍ୱ, ସାମୁହିକ ବିକାଶ ଏବଂ ସଂଗଠିତ ଅସ୍ମିତାର ସ୍ୱାକ୍ଷର ବହନ କରୁଥିବା ଦର୍ଶାଇଥିଲେ । 'ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ', ପଦ୍ୟାବଳିକୁ ଆବୃତି କରି ଶ୍ରୀ ମାନସିଂହ ଓଡ଼ିଆ ପରିଚିତିର ବିଶେଷତ୍ୱ ଉପରେ ଆଲୋକ ପାତ କରିଥିଲେ । ଓସୁକର ନିର୍ଦ୍ଦେଶକ ବୃନ୍ଦ ଯଥା: ଡଃ ବିଭୂତି ଭୂଷଣ ପଟ୍ଟନାୟକ, ପାର୍ଥ ସାରଥି ପଣ୍ଡା, ପ୍ରଭାତ ମିଶ୍ର, ଦୀପ୍ତି ମହାନ୍ତି ଏବଂ ଶ୍ରୀକାନ୍ତ କୁମାର ପାଢୀଙ୍କ ଦ୍ୱାରା ଜ୍ଞାନ, ଏକତା ଓ ପ୍ରଗତିର ପ୍ରତିବିମ୍ବ ସ୍ୱରୂପ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବ ଆରମ୍ଭ ହୋଇଥିଲା । ଏହାପରେ ଓସୁକର ମହିଳା ସଦସ୍ୟାମାନଙ୍କ ଦ୍ୱାରା ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀର ଆବେଗ ଭରା ଗାୟନ ଖୁବ୍ ଭାବୋଦ୍ଦୀପକ ଥିଲା । ମହୋତ୍ସବର ମୁଖ୍ୟ ଆକର୍ଷଣ ଉଦୀୟମାନ ଓ ପ୍ରତିଷ୍ଠିତ କଳାକାର ମାନଙ୍କ ଦ୍ୱାରା ପ୍ରସ୍ତୁତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା । ପ୍ରତିଭା ସମ୍ପନ୍ନ ପିଲାମାନଙ୍କ ଦ୍ୱାରା ପରିବେଷିତ ଆକର୍ଷକ ଓଡ଼ିଶୀ ନୃତ୍ୟ ଏବଂ ଓଡ଼ିଆ ଓ ବଙ୍ଗଳା କଳାକାର ମାନଙ୍କ ଦ୍ୱାରା ପ୍ରଦର୍ଶିତ କଳା ଚାତୁର୍ଯ୍ୟ ବେଶ ଉଚ୍ଚକୋଟୀର ଥିଲା । ଓଲିଉଡର ତାରକା ଗାୟକ ଅସିତ ତ୍ରିପାଠୀଙ୍କର ସୁମଧୁର ଗାୟନ ଶ୍ରୋତାମାନଙ୍କୁ ଅଭିଭୂତ କରିଦେଇଥିଲା । ସମ୍ବଲପୁରୀ, ଓଡ଼ିଆ ଏବଂ ହିନ୍ଦୀର ଲୋକପ୍ରିୟ ସଙ୍ଗୀତ ଗୁଡ଼ିକୁ ଆଧାର କରି ସ୍ୱନାମଧନ୍ୟ ଅଭିନେତା ଶୈଳେନ୍ଦ୍ର ସାମନ୍ତ ରାୟଙ୍କର ବୈଦ୍ୟୁତିକ ନୃତ୍ୟ ଏବଂ ଯାଦୁଭରା ସଙ୍ଗୀତ ପ୍ରସ୍ତୁତି ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ଉତ୍ସବ ସ୍ଥଳରେ ଖୋଲା ଯାଇଥିବା ଓଡ଼ିଶା ଏବଂ ଅନ୍ୟାନ୍ୟ ପ୍ରଦେଶର ଖାଦ୍ୟଷ୍ଟଲ ଗୁଡ଼ିକ ଅତିଥି ଓ ଅଭ୍ୟାଗତ ମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା । ବିଶେଷ କରି ଅଂଶ ଗ୍ରହଣକାରୀ ମାନେ ପାରମ୍ପରିକ ଖାଂଟି ଓଡ଼ିଆ ବ୍ୟଞ୍ଜନର ସ୍ୱାଦକୁ ମନଭରି ଉପଭୋଗ କରିଥିଲେ । ସ୍ଥାନୀୟ ଚିଲିକା ରେଷ୍ଟୁରାଂଟ ପକ୍ଷରୁ ସ୍ୱାଦିଷ୍ଟ ଓଡ଼ିଆ ଓ ଅନ୍ୟାନ୍ୟ ଖାଦ୍ୟ ପରସା ଯିବାର ବ୍ୟବସ୍ଥା କରା ଯାଇଥିଲା । ଉତ୍କଳ ଦିବସରେ ଆୟୋଜନରେ ପ୍ରାୟୋଜକ ଭାବରେ ୟୁ.କେ.ର ଆଇ ସିଆଇସିଆଇ ବ୍ୟାଙ୍କ, ଭାଟର ଲ୍ୟାଣ୍ଡ ଲିମିଟେଡ, ୟୁ.କେ.ର ଷ୍ଟେଟ ବ୍ୟାଙ୍କ, ପେମେଟ୍ରିକ୍ସ, ଆମାଡେୟସ ଓ ଫ୍ରିଡମ୍ ସର୍କଲ ପ୍ରମୁଖ ସହଯୋଗ କରିଥିଲେ । ଆୟୋଜକ ଟିମ ତରଫରୁ ଡଃ. ପ୍ରକାଶ ଦେ ଏବଂ ପ୍ରଭାତ ମିଶ୍ର ଉତ୍ସବର ବ୍ୟାପକ ସଫଳତା ପାଇଁ ଅଂଶଗ୍ରହଣକାରୀ, ସ୍ୱୟଂସେବକ, କଳାକାର ଏବଂ ପ୍ରାୟୋଜକ ମାନଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳାର ଉଦ୍‌ଯାପନୀ ଉତ୍ସବ

ସୋର(ନିପ୍ର): କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋର ସଂକୁଳ ଅଧୀନସ୍ଥ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ୨୦୨୬ର ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମକୁ ଦୀପ ପ୍ରଜ୍ୱାଳନ ପୂର୍ବକ ଆରମ୍ଭ କରିଥିଲେ ଦିବ୍ୟାଙ୍ଗ ସାଧନ କେନ୍ଦ୍ର, ସୋରର ଶିକ୍ଷାଧିକରୀ ଜ୍ୟୋତି ରଞ୍ଜନ ଜେନା ସଭାକାର୍ଯ୍ୟ ପ୍ରାରମ୍ଭରେ କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ତଥା ସୁର ସଂକୁଳ ସଂଯୋଜକ ଖଗେଶ୍ୱର ସ୍ୱାଇଁ ଉକ୍ତ କାର୍ଯ୍ୟଶାଳାର ବିବରଣୀ ପାଠ କରିଥିଲ । ମୁଖ୍ୟ ଅତିଥି ଜ୍ୟୋତି ରଞ୍ଜନ ଜେନା ଶିଶୁ ବିଦ୍ୟାମନ୍ଦିର ଆଦର୍ଶ ଶିକ୍ଷାଦାନ ସଂପର୍କରେ ସମ୍ୟକ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ପ୍ରଧାନାଚାର୍ଯ୍ୟ, ସଂକୁଳ ପ୍ରମୁଖ ଅଶୋକ ରଞ୍ଜନ ପଲେଇ ପ୍ରାଦେଶିକ ମେଧା ପରୀକ୍ଷା ଏବଂ ଭାରତୀକୃଷ୍ଣ ଗଣିତ ପରୀକ୍ଷାରେ ସୁର ସଙ୍କୁଳର କୃତୀ ଶିଶୁମାନଙ୍କ ନାମ ଘୋଷଣା କରିଥିଲେ ଭଦ୍ରକ ବିଭାଗ ନିରୀକ୍ଷକ ଶ୍ରୀଯୁକ୍ତ ସୁବ୍ରତ କୁମାର ମୁଖାର୍ଜୀ ଶିଶୁ ବିଦ୍ୟାମନ୍ଦିରର ପ୍ରଭାବୀ ଶିକ୍ଷାବ୍ୟବସ୍ଥା ସମ୍ବନ୍ଧରେ ସମ୍ୟକ ବକ୍ତବ୍ୟ ରଖିଥିଲେ । ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ, ସୁର ସଂକୁଳ ସହ ସଂପାଦକ ପ୍ରଶାନ୍ତ କୁମାର ମହାପାତ୍ର ଅତିଥି ପରିଚୟ ଏବଂ ଶିଶୁ ବିଦ୍ୟାମନ୍ଦି, ସୁରର ସଂପାଦକ ପ୍ରଫୁଲ୍ଲ କୁମାର ଦାସ ଧନ୍ୟବାଦଅର୍ପଣ କରିଥିଲେ । ଭଦ୍ରକ ଜିଲ୍ଲା ପ୍ରମୁଖ ତଥା ଜାମ୍ବେଶ୍ୱର ମହାବିଦ୍ୟାଳୟ, ଗଡସଙ୍ଗର ଗଣିତ ପ୍ରାଧାପକ ମନୀନ୍ଦ୍ର କୁମାର ଦୀକ୍ଷିତ ଉକ୍ତ ସଭାରେ ଉପସ୍ଥିତ ଥିଲେ । ରାଷ୍ଟ୍ରଗୀତ ବନ୍ଦେମାତରମର ସମବେତ ଗାନ ପରେ ସଭାସାଙ୍ଗ ହୋଇଥିଲା ।

# ଠିକାଦାରମାନଙ୍କ ଏକମତ ସଂକଳ୍ପ: ଏଣିକି କେବଳ ସ୍କେଜୁଲ୍ ରେଟ୍‌ରେ ଟେଣ୍ଡର



ମାଲକାନଗିରି(ନିପ୍ର): ମାଲକାନଗିରି ଜିଲ୍ଲାର ଠିକାଦାରମାନେ ଏକତ୍ରିତ ହୋଇ ଟେଣ୍ଡର ପ୍ରକ୍ରିୟାର ସୁସ୍ଥ ବ୍ୟବସ୍ଥାପନା ଓ କାମର ଗୁଣମାନ ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ଗ୍ରହଣ କରିଛନ୍ତି । ଏମଭି-୭୯ ତାରକେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ଶତାଧିକ ଠିକାଦାର ଉପସ୍ଥିତ ଥିଲେ । ବୈଠକରେ ବିସ୍ତୃତ ଆଲୋଚନା ପରେ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଛି ଯେ, ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଟେଣ୍ଡର କାର୍ଯ୍ୟରେ କେବଳ ସ୍କେଜୁଲ୍ ରେଟ୍(Schedule Rate) ଅନୁଯାୟୀ ଅଂଶଗ୍ରହଣ କରାଯିବ । କୌଣସି ଠିକାଦାର କମ ରାଶି (ଲେସ୍ ଆମାଉଂଟ) ରେ କାମ ନେବେ ନାହିଁ ବୋଲି ସମସ୍ତେ ଏକମତ ହୋଇଛନ୍ତି । ଏହାସହିତ ଜିଲ୍ଲା ଭିତିକ ଟେଣ୍ଡର ପ୍ରକ୍ରିୟାରେ ବାହାର ଜିଲ୍ଲାର ଠିକାଦାରଙ୍କ ଅଂଶଗ୍ରହଣକୁ ବିରତ ରଖିବା ପାଇଁ ମଧ ନିଷ୍ପତି ହୋଇଛି । ଯେଉଁ ଠିକାଦାର ସ୍କେଜୁଲ୍ ରେଟ୍‌ରେ ଟେଣ୍ଡର ଲାଭ କରିବେ, ସେମାନେ ମୋଟ ଟେଣ୍ଡର ମୂଲ୍ୟର ୩ ପ୍ରତିଶତ ରାଶି କମିଟିଙ୍କୁ ଅର୍ପଣ କରିବେ ବୋଲି ନିର୍ଦ୍ଧାରିତ ହୋଇଛି । ସଂକଳ୍ପକୁ ଅମାନ୍ୟ କରୁଥିବା ଠିକାଦାରଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ସଚେତନ କରାଯାଇଛି । ଠିକାଦାରମାନଙ୍କ ମତାନୁସାରେ, ଦୀର୍ଘଦିନ ଧରି କମ ରାଶିରେ କାମ ନେବା ପ୍ରବୃତି ଫଳରେ କାମର ଗୁଣମାନ ଅବନତି ହେଉଥିଲା ଓ ଠିକାଦାରମାନେ ଆର୍ଥିକ ଚାପରେ ପଡୁଥିଲେ । ଏହି ପରିସ୍ଥିତିର ସମାଧାନ ଓ ଜିଲ୍ଲାର ସମଗ୍ର ଉନ୍ନତିକୁ ଦୃଷ୍ଟିରେ ରଖି ସ୍କେଜୁଲ୍ ରେଟ୍ ?ରେ କାମ କରିବା ପାଇଁ ସମୂହୀୟ ସଂକଳ୍ପ ଗ୍ରହଣ କରାଯାଇଛି । ବୈଠକ ଶେଷରେ ସମସ୍ତ ଠିକାଦାର ଏହି ସଂକଳ୍ପ ପାଳନ କରିବାକୁ ଶପଥ ପାଠ କରିଥିଲେ । ପରେ ଏହାକୁ ଏକ ସମ୍ମିଳନୀମୂଳକ "ବନ୍ଧୁ ମିଳନ" କାର୍ଯ୍ୟକ୍ରମ ଭାବେ ପାଳନ କରାଯାଇଥିଲା । ଏହି ବୈଠକରେ ପ୍ରାୟ ଶତାଧିକ ଠିକାଦାର ସାମିଲ ହୋଇ ଜିଲ୍ଲାର ଉନ୍ନତି ପାଇଁ ଏକତାର ସନ୍ଦେଶ ଦେଇଛନ୍ତି ।

# ଆମ ପୋଲିସ ସମିତି ବୈଠକରେ ଆଂଚଳିକ ସମସ୍ୟାକୁ ଗୁରୁତ୍ୱ



ବେତନଟୀ(ନିପ୍ର): ମୟୁରଭଞ୍ଜ ଜିଲ୍ଲା ବେତନଟୀ ଥାନାରେ ଗୁରୁବାର ଦିନ ଥାନାର ଅଭ୍ୟର୍ଥନା ଗୃହରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବେତନଟୀ ଥାନା ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ ଅଧ୍ୟକ୍ଷତା କରିଥିବା ବେଳେ ଏସ ଆଇ ଭାରତୀ ବେହେରା, ଏ ଏସ ଆଇ ପଂଚାନନ ମହାନ୍ତି ମଂଚରେ ଉପସ୍ଥିତ ଥିଲେ । ଏହି ବୈଠକରେ ବେତନଟୀରେ ବରିଷ୍ଠ ନାଗରିକ ସଂଘ, ସଭିଲ ସୋସାଇଟି ର ସମସ୍ତ ମେମ୍ବର, ବେତନଟୀ ଅଂଚଳର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ବେତନଟୀ ଅଂଚଳର ସମାଜସେବୀ ଓ ସାଧାରଣ ଜନତା ଉପସ୍ଥିତ ଥିବା ବେଳେ ବେତନଟୀ ବଜାରର ସୃଷ୍ଟି ହେଉଥିବା ଆଂଚଳିକ ସମସ୍ୟାର ସମାଧାନ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇ ଥିଲା । ସମଗ୍ର ବେତନଟୀ ବଜାର ଅଂଚଳର ଗାଡିର ଦ୍ରୁତ ଗତି, ଟ୍ରାଫିକ ନିୟନ୍ତ୍ରଣ, ସଡ଼କରେ ଗାଡି ଠିଆ ହୋଇରହିବା ଯୋଗୁଁ ଟ୍ରାଫିକ ସମସ୍ୟା, ନିୟନ୍ତ୍ରଣ ପାଇଁ ଆଲୋଚନା ହୋଇଥିବା ବେଳେ ଏ ସମ୍ପର୍କରେ ବେତନଟୀ ଅଂଚଳର ଯୁବ ସଂଗଠକ ଅଜିତ ସାହୁ ଆମ ପୋଲିସ ସମିତି ବୈଠକରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ସେହି ଭଳି ବେତନଟୀ ବଜାର ମଧ୍ୟରେ ଅପରାଧ ନିୟନ୍ତ୍ରଣ ଓ ଅବୈଧ କାର୍ଯ୍ୟ ରୋକିବା ପାଇଁ ପାଇଁ ବଜାର ରେ ବିଭିନ୍ନ ଛକ ମାନଙ୍କରେ ୧୧ଟି ସି ସି କ୍ୟାମେରା ଲଗେଇବା ପାଇଁ ବେତନଟୀ ବ୍ଲକ ମେଡ଼ିଆ ଆସୋସିଏସନ ପକ୍ଷରୁ ପ୍ରସ୍ତାବ ରଖା ଯାଇଥିବା ବେଳେ, ବଜାର ମଧ୍ୟରେ ଲାଗିଥିବା ଷ୍ଟ୍ରିଟ ଲାଇଟ ନଜଳିବା ଏବଂ ତାର ସୁବ୍ୟବସ୍ଥା କରିବା, ଅନ୍ଧାର ରହୁଥିବା ଛକ ମାନଙ୍କରେ ଲାଇଟ ଲଗେଇ ଆଲୋକୀକରଣ କରିବା ସହିତ ଅନ୍ୟ ବିଭିନ୍ନ ସମସ୍ୟା ବିଷୟରେ ବୈଠକରେ ଉପସ୍ଥିତ ସଦସ୍ୟମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ସମ୍ପର୍କରେ ରହି ବେତନଟୀ ଅ*ଳ ର ବିଭିନ୍ନ ସମସ୍ୟା ବାବଦ ରେ ଅଭିଯୋଗ ଦେବା ସହିତ ଏହି ସବୁ ସମସ୍ୟା ର ସମାଧାନ କେମିତି ହେବ ତାହା ଉପସ୍ଥିତ ପୋଲିସ ଥାନା ମ*ସିନ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ବେତନଟୀ ବ୍ଲକ ମେଡ଼ିଆ ଆସସିଏସନ ପକ୍ଷରୁ ଗତ ଫେବୃଆରୀ ୧୮, ୨୦୨୫ରେ ବେତନଟୀ ବିଭିନ୍ନ ଛକରେ ସି ସି କ୍ୟାମେରା ଲଗାଇବା ପାଇଁ ବେତନଟୀ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଶ୍ରୀ ପିଙ୍ଗୁଆ ସମସ୍ତଙ୍କ ସମସ୍ୟା କୁ ଲିଖିତ ଭାବରେ ରଖି ଯଥାଶୀଘ୍ର ସବୁ ସମାଧାନ ହେବ ବୋଲି ପ୍ରତିଶୃତି ଦେଇଥିଲେ । ସମସ୍ତଙ୍କ ଆଲୋଚନାସାରିବା ପରେ ବୈଠକର ଅଧକ୍ଷତା କରୁଥିବା ଆଇ ଆଇ ସି ସମସ୍ତ ବିଷୟ କୁ ଗୁରୁତର ସହିତ ବିଚାର କରି ପଦକ୍ଷେପ ନେବା କଥା କହିଥିଲେ । ପ୍ରତିମାସ ଶେଷ ସପ୍ତାହରେ ଏହି ବୈଠକ ନିୟମିତ ଭାବେ ହେବ ବୋଲି ମତ ରଖିଥିଲେ ।

# ମନ ଦର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ଖୁଂଟା(ନିପ୍ର): ଖୁଂଟା ଜି ବି ନଗର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଖୁଂଟା ଡିଗ୍ରୀ ମହାବିଦ୍ୟାଳୟରେ 'ମନଦର୍ପଣ' କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ସରୋଜ ରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ପ୍ରମୋଦ କୁମାର ମିଶ୍ର ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବାରିପଦାର ପି.ଆର.ଏମ୍ ମେଡିକାଲ କଲେଜର ମନସ୍ତାତ୍ତ୍ୱିକ ବିଭାଗର ବିଶେଷଜ୍ଞା ଡଃ କରିସ୍ମା ଜିତ୍ ମୁଖ୍ୟ ବକ୍ତା ତଥା ସନ୍ଦର୍ଭ ଭିତିକ ଗବେଷିକା ଭାବରେ ଯୋଗ ଦେଇ ବର୍ତମାନର ଯୁବ ପିଢି ମାନଙ୍କୁ ମନ ଦର୍ପଣ ବିଷୟରେ ସଚେତନ କରିବା, ଏହାର କାରଣ, ନିରାକରଣ ସମ୍ପର୍କରେ ବହୁ ବିଧ ପରାମର୍ଶ ଦେବା ସହ ଛାତ୍ରଛତ୍ରୀ ମାନଙ୍କୁ ଏଥିରୁ ନିବୃତ ରହିବା ପାଇଁ ବହୁ ମୂଲ୍ୟ ମନ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇ.କ୍ୟୁ.ଏସିର ସଂଯୋଜକ ତପନ କୁମାର ବାରିକ୍ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଅତି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅର୍ଥନୀତି ବିଭାଗର ଅଧ୍ୟାପିକା ଡଃ ସୁଷମା ହାଁସଦା ସହଯୋଗ କହିଥିଲେ । ଶିକ୍ଷା ବିଭାଗର ଅଧ୍ୟାପିକା ଜନ୍ ଡର୍ନି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହିବା ସହିତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ମାନେ ମଧ ଉପସ୍ଥିତ ରହିଥିଲେ ।


## ଦ.ପୂ. ରେଳପଥ ନିଲାମ

**ଟେଣ୍ଡର ନୋଟିସ୍ ନମ୍ବର: (ସ) ୧୧୪-ଇଏଲସି-ଜି-କେଜିପି-୨୫-୨୬-୫୭-ଆର୧, (ଖ) ୧୧୪-ଇଏଲ୍‌ସି-ଜି-କେଜିପି-୨୫-୨୬-୫୮-ଆର୧, ତାରିଖ: ୨୯.୦୪.୨୦୨୬** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ସିନିୟର ଡିଇଇ/ଏ/ଖଡ଼ଗପୁର-୭୨୧୩୦୧, ଦକ୍ଷିଣ ପୂର୍ବ ରେଳବାଇ ଆଇଟମ୍ ବିରୁଦ୍ଧରେ ଉଲ୍ଲେଖିତ ତାରିଖରେ ୧୨.୦୦ ଘଂଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି । କ୍ରମାଙ୍କ-(ସ) । **କାର୍ଯ୍ୟର ବର୍ଣ୍ଣନା**: ବାଖରାବାଦ ଷ୍ଟେସନରେ ଚର ନମ୍ବର ୩/୪ କୁ ସଂଯୋଗ କରିବା ପାଇଁ ବିଦ୍ୟମାନ ୩.୦ ମିଟର ଚଉଡ଼ା ଏଫ୍‌ଓବି ସମ୍ପ୍ରସାରଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ଟ.୧୦,୮୭,୩୩୭.୭୨ । ବିଡ୍ ସୁରକ୍ଷା/ଇ.ଏମ୍.ଡି.: ଟ. ୨୧,୮୦୦ । କ୍ରମାଙ୍କ-(ସ) । କାର୍ଯ୍ୟର ବର୍ଣ୍ଣନା: ବସ୍ତା ଷ୍ଟେସନରେ ବିଦ୍ୟମାନ ଏଫ୍‌ଓବି ବଦଳରେ ୩.୧ ମିଟର ଚଉଡା ଏଫ୍‌ଓବି ନିର୍ମାଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ ଏବଂ ରାଣୀତାଲ ଷ୍ଟେସନରେ ବିଦ୍ୟମାନ ପୁରୁଣା ରଙ୍ଗଣ ବଦଳରେ ନୂତନ ୩.୦ ମିଟର ଚଉଡା ଏଫ୍‌ଓବି ନିର୍ମାଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ୨୫,୫୧,୩୭୬.୮୪ । ବିଡ୍ ସିକ୍ୟୁରିଟି/ଇ.ଏମ୍.ଡି.: ୫୧,୦୦୦ । ଖୋଲିବାର ତାରିଖ: ୦୪.୦୫.୨୦୨୬ ଥକ୍ରମାଙ୍କ (ସ) ଏବଂ (ସ) ପ୍ରତ୍ୟେକ ପାଇଁ) । ଟେଣ୍ଡର ଡକ୍ୟୁମେ[ର ମୂଲ୍ୟ: କୌଣସି ନାହିଁ ଥକ୍ରମାଙ୍କ (ସ) ଏବଂ (ସ) ପ୍ରତ୍ୟେକ ପାଇଁ) । ସମାପ୍ତି ଅବଧି: ଗ୍ରହଣ ପତ୍ର ଜାରି ହେବା ତାରିଖରୁ ୦୬ ମାସ (କ୍ରମାଙ୍କ (୧) ପାଇଁଧ ଏବଂ ୦୯ ମାସ ଥକ୍ରମାଙ୍କ (ସସ) ପାଇଁ) । ଦାଖଲ ତାରିଖ: ୧୨:୦୦ ଘଂଟା ପର୍ଯ୍ୟନ୍ତ । ୦୪.୦୫.୨୦୨୬ (କ୍ରମାଙ୍କ (୧) ଏବଂ (୨) ପ୍ରତ୍ୟେକ ପାଇଁ । ଆଗ୍ରହୀ ଟେଣ୍ଡରଦାତାମାନେ ସମ୍ପୂର୍ଣ୍ଣ ବିବରଣୀ, ଟେଣ୍ଡରର ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଦ୍ରଷ୍ଟବ୍ୟ**: ସମ୍ଭାବ୍ୟ ବିଡ୍ରଦାତାମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ । (PR-104)


# ୟୁଟ୍ୟୁବରଙ୍କ ଜଳଛତ୍ର କେନ୍ଦ୍ର

ସୋର(ନିପ୍ର): ଗ୍ରୀଷ୍ମ ଋତୁର ତୀବ୍ର ଉଷ୍ଣତାକୁ ଦୃଷ୍ଟିରେ ରଖି ସୋର ଅଂଚଳର ପ୍ରସିଦ୍ଧ ୟୁଟ୍ୟୁବର ଭାଇ ଓ ଭଉଣୀ ମାନେ ମିଳିମିଶି ଆଜି ଜଳଛତ୍ରର ଆୟୋଜନ କରିଛନ୍ତି । ସୋର ଫେଡେରାଲ ବ୍ୟାଙ୍କ ସାମ୍ନାରେ ଏହି ଉଦ୍ୟମ ଦେଖିବାକୁ ମିଳିଛି । ଏହି ଜଳଛତ୍ର ମାଧ୍ୟମରେ ପଥଚାରୀ, ଯାତ୍ରୀ ଓ ସ୍ଥାନୀୟ ଲୋକମାନଙ୍କୁ ଥଣ୍ଡା ପାଣି, ତରଭୁଜ, ପାନୀୟ ଓ କିଛି ହାଲୁକା ଖାଦ୍ୟ ବଂଟନ କରାଯାଇଥିଲା । ତୀବ୍ର ଗରମ ମଧ୍ୟରେ ଏହି ପଦକ୍ଷେପ ଲୋକମାନଙ୍କ ପାଇଁ ବହୁତ ଉପକାରୀ ହୋଇଥିଲା ଏବଂ ଲୋକମାନେ ଏହାକୁ ବହୁତ ସ୍ୱାଗତ କରିଥିଲେ ।



# ୧୪ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଫୁଟବଲ୍ ଟ୍ରଫି ଉଦ୍‌ଯାପିତ



ଜଗତସିଂହପୁର(ନିପ୍ର): ଜଗତସିଂହପୁର ଜିଲ୍ଲାର ନବ କୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ରାଜ୍ୟ ସ୍ତରୀୟ ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ମୁଖ୍ୟମନ୍ତ୍ରୀ ଫୁଟବଲ୍ ଟ୍ରଫି ତା ୨୪-୦୪-୨୦୨୬ ରିଖ ଠାରୁ ଆରମ୍ଭ ହୋଇ ଆଜି ତା ୩୦-୦୪-୨୦୨୬ରିଖ ରେ ଉଦଯାପିତ ହୋଇଯାଇଛି । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଜିଲ୍ଲା ପ୍ରଶାସନ ଜିଲ୍ଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ ଏହି ଟ୍ରଫି ଆୟୋଜିତ ହୋଇଥିଲା । ଏଥିରେ ବାଳକ ବିଭାଗ ତରଫରୁ ୬ ଗୋଟି ଦଳ ଓ ବାଳିକା ବିଭାଗରୁ ୪ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ବାଳକ ବିଭାଗରେ ପୋର୍ଟ କ୍ଲବ, ପାରାଦୀପ ଓ ୟୁ.ଜି ହାଇ ସ୍କୁଲ, ପୁରଣ ଟାଇଗର, ରଘୁନାଥପୁର ମଧ୍ୟରେ ସଙ୍ଘର୍ଷ ପୂର୍ଣ୍ଣ ଖେଳ ହୋଇଥିଲା । ଶେଷରେ ପୋର୍ଟ କ୍ଲବ, ପାରାଦୀପ ୧-୦ ଗୋଲରେ ଚାମ୍ପିଅନ ଟ୍ରଫି ହାସଲ କରିନେଇଥିବା ସଙ୍ଗେ ସଙ୍ଗେ ପୂରଣ ଟାଇଗର ରନର୍ସଅପ, ହୋଇଥିଲେ ଓ ବାଳିକା ବିଭାଗରେ ସରକାରୀ ହାଇ ସ୍କୁଲ, ପୂରଣ ଚାମ୍ପିଅନ ଟ୍ରଫି ହାସଲ କରିବା ସଙ୍ଗେ ସଙ୍ଗେ ବୋରିକିନା ହାଇ ସ୍କୁଲ ବାଳିକା ଦଳ ରନର୍ସ ଅପ ହୋଇଥିଲେ । ଏଥିରେ କ୍ରୀଡା ସଂସଦ ସଂପାଦକ ଦୋଳଗୋବିନ୍ଦ ଦାଶ, ଉପସଭାପତି ଶ୍ରୀକାନ୍ତ ଚୌଧୁରୀ, ସାଧୁ ଚରଣ ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି ଓ ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ ଓ କ୍ରୀଡା ପରିଚାଳନାରେ କ୍ରୀଡା ଶିକ୍ଷକମାନେ ସହଯୋଗ ଶିକ୍ଷକମାନେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ

ନୂଆପଡ଼ା(ନିପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର) ଆଇନ, ୨୦୦୬ ଅନୁଯାୟୀ ଜିଲ୍ଲା ସ୍ତରୀୟ ଜଙ୍ଗଲ ଅଧିକାର କମିଟିର ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ବନଖଣ୍ଡ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରଇତ, ଉପ-ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ ସହିତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ବନାଂଚଳ ଅଧିକାରୀମାନେ ଉପସ୍ଥିତ ଥିଲେ । ଉପଖଣ୍ଡ ସ୍ତରୀୟ କମିଟିମାନଙ୍କ ଠାରୁ ପ୍ରେରିତ ୧୧୫୦ ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି ମଧ୍ୟରୁ ୧୬୨ ଟି ଦାବିକୁ ମଞ୍ଜୁର କରାଯାଇଥିଲା । ଏହାସହ ୭୯୪ ଟି ଦାବିକୁ ବିଭିନ୍ନ କାରଣରୁ ନାମଞ୍ଜୁର କରାଯାଇ ଥିବାବେଳେ ୧୯୪ ଟି ଦାବି ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ ଜମି ସମ୍ପର୍କିତ ଥିବାରୁ ବର୍ତମାନ ପାଇଁ ସ୍ଥଗିତ ରଖାଯାଇଛି । ପ୍ରାପ୍ତ ୬ଟି ଗୋଷ୍ଠୀ ଜଙ୍ଗଲ ଅଧିକାର ଦାବି ମଧ୍ୟରୁ ୨ଟି ମଞ୍ଜୁର ୨ଗୋଟି କୁ ନାମଞ୍ଜୁର ଓ ୨ଟି ସ୍ଥଗିତ ରଖାଯାଇଥିଲା । ସେହିପରି ୭ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ମଧ୍ୟରୁ ୪ ଟି ଦାବି ମଞ୍ଜୁର ଓ ୩ ଟି ନାମଞ୍ଜୁର ।









**ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ**

# ଆଜିକାଲି



*ଅନନ୍ତ ବିଜୟଂ ରାଜା, କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ନକୁଳଃ ସହଦେବଶ୍ଚ, ସୁଘୋଷମଣିପୁଷ୍ପକୌ (ଶ୍ରୀମଦ୍ ଭଗବତ୍ ଗୀତା)*

*ଭାବାର୍ଥ : ଯୁଧିଷ୍ଠିରଙ୍କ ଅନନ୍ତବିଜୟ, ନକୁଳଙ୍କ ସୁଘୋଷ ଓ ସହଦେବଙ୍କ ମଣିପୁଷ୍ପକ ଏ ସବୁ ଶଙ୍ଖ ମଧ୍ୟ ସଂଗେ ସଂଗେ ବାଜିଲା ।*

## ୨ ସପ୍ତାହ ପାଇଁ ସାବଧାନ

ପୁଣି ରାଜ୍ୟରେ ତାତି ଆକାଶଛୁଆଁ ହୋଇଛି । ଯଦିଓ ୪୦ ଡିଗ୍ରୀ ପାଖାପାଖି ଏବଂ ଉପରେ ତାତିଥିଲା କିନ୍ତୁ ଗତକାଲି ଠାରୁ ଅସହ୍ୟ ଗରମ ଲୋକମାନଙ୍କୁ ଅସ୍ତବ୍ୟସ୍ତ କଲାଣି । ୮ଟି ସହରରେ ୪୦ଡିଗ୍ରୀ ପହଂଚିବା ବେଳେ ୩୩ ଡିଗ୍ରୀ ମଧ୍ୟ କେତେକ ସ୍ଥାନରେ ଥିଲା । ସକାଳ ୮ଟା ପରେ ପରେ ରୌଦ୍ରତାପ ବଢୁଛି । ଏବଂ ଦିନ ତମାମ ଅସହ୍ୟ ଗରମ ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରିବା ସ୍ୱାଭାବିକ । ତାତିକୁ ନେଇ ଆହୁରି ଏକ ଆଶଙ୍କା ଲୋକଙ୍କୁ ଭୟଭୀତ କରିଛି । ଯାହା ସୂଚନା ମିଳୁଛି ପ୍ରାୟ ୨ ସପ୍ତାହରୁ ଅଧିକ ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳଗୁଳି ଚରମ ସୀମାରେ ପହଂଚିବ । ଏଭଳି ଗୁଳଗୁଳି ହେଉଛି ଯେ ସିଲି ଏବଂ ଟେବୁଲ ପଂଖା ମଧ୍ୟ କାମ କରୁନାହିଁ । କେବଳ ସେତିକି ନୁହେଁ ବହୁସ୍ଥାନରେ ଏସି ମଧ୍ୟ କାମ କରୁ ନଥିବା ଅଭିଯୋଗ ହେଉଛି । ଯଦି ଏଭଳତି ତାତି ବଢ଼େ ତାହେଲେ ଲୋକେ ଏଭଳି ଅସୁବିଧାର ଯେ ସମ୍ମୁଖୀନ ହେବେ ତାହା ନୁହେଁ । ଯେକୌଣସି ମୁହୂର୍ତରେ ବିପଦରେ ପଡ଼ିପାରନ୍ତି ? ବର୍ତମାନସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ଅଂଶୁଘାତ ରୋଗୀସଂଖ୍ୟା ବଢୁଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବହୁ ପଦକ୍ଷେପ ଅବଲମ୍ବନ ସତ୍ୱେ କେତେକ ସ୍ଥଶନରେ ସରକାରଙ୍କ ନିୟମକୁ ବେଖାତିର କରୁଥିବା ବହୁ ନଜୀର ରହିଛି । ଉଦାହରଣ ସ୍ୱରୂପ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନେ କାମ କରିବା ମନା । କିନ୍ତୁ ବହୁ ସ୍ଥାନରେ ଶ୍ରମିକମାନେ କାମ କରୁଥିବା ଯୋଗୁଁ ସଂପୃକ୍ତ ଘରମାଲିକ ଏବଂ ଠିକାଦାରମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ଯଦିଓ କେତେକ ସ୍ଥାନରେ କାଳବୈଶାଖି ହେଉଛି ଏସବୁ ଅଂଚଳରେ ମଧ୍ୟ ଲୋକଙ୍କୁ ଆଶ୍ୱସ୍ତି ମିଳୁନାହିଁ । ଅପରପକ୍ଷରେ ରାଜ୍ୟର ବହୁ ସହର ଓ ଗ୍ରାମାଂଚଳରେ ବାରମ୍ବାର ବିଦ୍ୟୁତକାଟ ହେଉଛି । ସେହି ସମୟରେ ଲୋକେ ଯେଉଁଭଳି ହନ୍ତସନ୍ତ ହେଉଥିବେ ତାହା ସେହିମାନେ ହିଁ ଅନୁଭବ କରୁଥିବେ । ଯାହା ହେଉ ୨ ସପ୍ତାହ ଧରି ପ୍ରତ୍ୟେହ ତାତି ଓ ଗୁଳଗୁଳି ହେବ ବୋଲି ପାଣିପାଗ ବିଭାଗ ଯେଉଁ ସୂଚନା ଦେଇଛନ୍ତି ତାହା ରାଜ୍ୟବାସୀ ଏବେଠୁ ସତର୍କ ହେବା ଜରୁରୀ । ନଚେତ ଅଂଶୁଘାତରେ ରୋଗୀଙ୍କ ସଂଖ୍ୟା ଆହୁରି ବଢ଼ିବ ଏବଂ ମୃତାହତ ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ, ଆମ ମତରେ ଦିନ ୧୦ଟା ପରେପରେ ବାହାରକୁ ଯିବା ଆଦୌ ଉଚିତ ନୁହେଁ । ତାତିକୁ ଆଳ କରି ଆଖୁରସ ପରେପରେ ବିହାରକୁ ଯିବା ଆଦୌ ଉଚିତ ନୁହେଁ । ତାତିକୁ ଆଳ କରି ଆଖୁରସ ଓ ପାନୀୟ ଦ୍ରବ୍ୟ ବିକ୍ରି ବଢ଼ିବା ସହ ବ୍ୟବସାୟୀମାନେ ମଧ୍ୟ ଅଧିକ ଦାମ ନେଉଥିବା ଦେଖିବାକୁ ମିଳୁଛି । ଏହି ଦୃଷ୍ଟିରୁ ଲୋକେ ସତର୍କ ରହିବା ଏକାନ୍ତ ଜରୁରୀ ।

# ମଇ ଦିବସର ବିପ୍ଳବୀ ପରମ୍ପରା

◆ ଡ଼ଃ ଅରୁନ୍ଧତୀ ଦେବୀ

ଆନ୍ତର୍ଜାତିକ ଶ୍ରମିକ ଦିବସ ଭାବେ ମଇ ୧ ତାରିଖ ଦିନ ୧୮୯୦ ମସିହାରୁ ବିଭିନ୍ନ ରାଷ୍ଟ୍ରର ଶ୍ରମିକମାନେ ମଇ ଦିବସ ଭାବେ ଅତି ଉତ୍ସାହର ସହ ପାଳନ କରି ଆସୁଛନ୍ତି । ଯେତେ ସବୁ ଅନ୍ତର୍ଜାତୀୟ ଦିବସ ପାଳନ କରାଯାଏ ସେଥିମଧ୍ୟରୁ ମଇ ପହିଲା ଶ୍ରମିକ ଦିବସ ତା'ର ସ୍ୱତନ୍ତ୍ରତା ବିପ୍ଳବୀ ପରମ୍ପରା ବଜାୟ ରଖି ଆସିଛି । ୟୁରୋପ ଓ ଆମେରିକାରେ ପ୍ରଥମ ଶିଳ୍ପ ବିପ୍ଳବ ଆରମ୍ଭ ସାଙ୍ଗକୁ ଶିଳ୍ପ ଶ୍ରମିକ ସୃଷ୍ଟି ହୁଅନ୍ତି ଊନବିଂଶ ଶତାବ୍ଦୀର ପ୍ରଥମ ଦଶକରେ । ୧୮୬୬ ମସିହାରେ ଅଗଷ୍ଟ ମାସରେ ଆମେରିକାର ବାଲ୍‌ଟିମୋରରେ ଅନୁଷ୍ଠିତ ଶ୍ରମିକ ସମ୍ମିଳନୀରେ କାମ କରିବାର ନିର୍ଦ୍ଦିଷ୍ଟ ସମୟ ୮ଘଂଟା ପ୍ରସ୍ତାବ ପାସ ହେଲା । ଏହି ସମ୍ମିଳନୀର ଦୁଇ ସପ୍ତାହ ପରେ ମାର୍କ୍ସଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଥମ ଆନ୍ତର୍ଜାତିକ ଜେନେଭା କଂଗ୍ରେସ ମଧ ଠିକ୍ ସେହି ଦାବି କଲା । ଏହି ଦୁଇଟି ସଂଗଠନ ଏକ ସମୟରେ ଆଠ ଘଂଟା କାମ କରିବାର ଦାବି କରି ମିଳିତ ମଂଚରେ ସମବେତ ହୋଇ ଐକ୍ୟବଦ୍ଧ ସଂଗ୍ରାମ ଓ ସଂହତି ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହୋଇ ଥିଲେ । ୧୮୬୬ରୁ ୧୮୮୬ ମଧରେ ଅନେକ ଶ୍ରମିକ ଆନ୍ଦୋଳନମାନ ସଂଗଠିତ ହେଲା । ୧୮୮୬ ମସିହା ମଇ ମାସ ପ୍ରଥମ ସପ୍ତାହ ପୃଥିବୀର ଶ୍ରମିକ ଶ୍ରେଣୀ ଆନ୍ଦୋଳନକୁ ଏକ ନୂତନ ମୋଡ଼ ଦେଲା । ଆମେରିକାର ଚିକାଗୋର ଶ୍ରମିକ ଧର୍ମଘଟ ସବୁଠୁ ବେଶୀ ଲଢୁଆ ରୂପ ନେଇଥିଲା । ଚିକାଗୋର ହେ ମାର୍କେଟରେ ଶ୍ରମିକ ମଇ ୪ ତାରିଖରେ ମାଲିକ ଓ ପୋଲିସ ଆକ୍ରମଣ ବିରୋଧରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିବା ସମୟରେ ପୋଲିସର ବର୍ବର ଆକ୍ରମଣ ଓ ଗୁଳି ଚାଳନାରେ ୬ଜଣ ଶ୍ରମିକ ମୃତ ଓ ବହୁ ସଂଖ୍ୟକ ଶ୍ରମିକ ଆହତ ହେଲେ । ୪ ଜଣ ଶ୍ରମିକ ନେତା ଆଲବର୍ଟ ଆର୍‌ପରସନ୍, ଅଗଷ୍ଟା ସ୍ପାଇସ୍, ଆଡ୍‌ଲଫ ଫସର ଓ ଜର୍ଜ ଏଞ୍ଜେଲେସଙ୍କୁ ଫାଶୀ ଖୁଂଟରେ ଝୁଲାଇ ଦିଆଗଲା । ୧୮୮୭ ମସିହା ନଭେମ୍ବର ୧୧ ତାରିଖରେ । ଫାଶୀଖୁଂଟରେ ସ୍ପାଇସଙ୍କ ଶେଷ କଥା ଥିଲା ସମୟ ଆସିବ ଜୀବନ ଅପେକ୍ଷା ମୃତ୍ୟୁ ହେବ ବଳବାନ । ଆମେରିକାର ଶ୍ରମିକମାନଙ୍କ ତ୍ୟାଗ ନିଷ୍ଫଳ ହେଲା ନାହିଁ । ସେମାନେ ସୃଷ୍ଟି କଲେ ବିପ୍ଳବୀ ପରମ୍ପରା ଓ ତ୍ୟାଗର ପରମ୍ପରା । ୟୁରୋପର ବିକାଶଶୀଳ ଶ୍ରମିକ ଆନ୍ଦୋଳନ ସେମାନଙ୍କ ସହ ହାତ ମିଳାଇବାକୁ ନିଷ୍ପତିବଦ୍ଧ ହେଲା । ଶେଷରେ ୧୮୮୯ ସାଲରେ ପ୍ୟାରିସ ଠାରେ ଅନୁଷ୍ଠିତ ସମାଜସେବୀ ଆନ୍ତର୍ଜାତିକରେ ମଇ ପହିଲାକୁ ମଇ ଦିବସ ଭାବେ ବିଶ୍ୱବ୍ୟାପୀ ପାଳନ କରିବାକୁ ଆହ୍ୱାନ ଦିଆଗଲା । ୧୮୯୦ ମଇ ପହିଲା ଠାରୁ ଅର୍ଥାତ୍ ୧୨୫ ବର୍ଷ ଧରି ବିଶ୍ୱର ସର୍ବାଧିକ ସଂଖ୍ୟକ ଜନଗଣ ଏହି ଦିବସକୁ ଶ୍ରମିକ ଦିବସ ଭାବେ ପାଳନ କରି ଆସୁଛନ୍ତି । ବିଶ୍ୱ ଶ୍ରମିକ ଶ୍ରେଣୀ, ପୁଞ୍ଜିବାଦୀ ଓ ସାମ୍ରାଜ୍ୟବାଦୀ ସପକ୍ଷବାଦୀ ନୂତନ ଅର୍ଥନୈତିକ ନୀତିକୁ ଆରମ୍ଭରୁ ପ୍ରତି ମୁହୂର୍ତରେ ଏହାର ଆକ୍ରମଣର ଶିକାର ହୋଇଛି । ଠିକ୍ ସେହିପରି ସାମ୍ରାଜ୍ୟବାଦ ଓ ପୁଞ୍ଜିବାଦ ପ୍ରୟୋଜିତ ନୂତନ ଅର୍ଥନୀତି କାର୍ଯ୍ୟକାରୀ




ହେବାଠାରୁ ବିଶ୍ୱର ଶ୍ରମିକ ଶ୍ରେଣୀ ଏହା ବିରୋଧର ଦୀର୍ଘତମ ଆନ୍ଦୋଳନ ଚଳାଇଛନ୍ତି । ସାଇପ୍ରେସ୍, ବ୍ରିଟେନ୍ ଓ ଜର୍ମାନୀରେ ମଧ ଖର୍ଚ୍ଚକାଟ ବ୍ୟବସ୍ଥାକୁ ବିରୋଧ କରି ଆନ୍ଦୋଳନ କରାଯାଇଛି । ଆର୍ଥିକ ସଂକଟକୁ ବିରୋଧ କରି ଗ୍ରୀସ୍‌ର ନାଗରିକ ବାମପନ୍ଥୀ ମାନଙ୍କୁ ନିର୍ବାଚନରେ ଜିତାଇ ଆର୍ଥିକ ସଙ୍କଟକୁ ମୁକ୍ତ ପାଇବା ପାଇଁ ଆଶା ରଖିଛନ୍ତି । ଲ୍ୟାଟିନ୍ ଆମେରିକା, ୟୁରୋପ ଓ ଏସିଆର ଅନେକ ରାଷ୍ଟ୍ରରେ ବଂଚିବାର ଦାବି ନେଇ ଶ୍ରମିକ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ଆମ ଦେଶର ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ସ୍ଥିତି ଅତ୍ୟନ୍ତ ଗଭୀର । ଆମ ଦେଶରେ ଗତବର୍ଷ ୫୬ ଜଣ ଡଲାର କୋଟିପତିଙ୍କ ସଂଖ୍ୟା ବଢ଼ି ୯୦ଜଣ ହୋଇଥିବାବେଳେ ସେମାନଙ୍କ ସମ୍ପତିର ପରିମାଣ ଏହି ସମୟ ମଧ୍ୟରେ ୧୯୧.୫ କୋଟି ଡଲାରରୁ ୨୯୪ କୋଟି ଡଲାରକୁ ବୃଦ୍ଧି ପାଇଛି । ଏମାନେ ବିଶ୍ୱର ୪ର୍ଥ କୋଟିପତି ମାନ୍ୟତା ପାଇବା ସହିତ ପୃଥିବୀର ସବୁଠାରୁ ଧନୀବ୍ୟକ୍ତି ୧୦୦ ଜଣଙ୍କ ମଧ୍ୟରେ ଭାରତର ୫ଜଣ ସ୍ଥାନୀତ ହୋଇଛନ୍ତି ଏବଂ ମୁକେଶ ଅମ୍ବାନୀ କ୍ରମାଗତ ଭାବେ ୮ମ ଥର ପାଇଁ ଦେଶର ସର୍ବଶ୍ରେଷ୍ଠ ଧନୀ ତାଲିକାରେ ସ୍ଥାନ ପାଇଛନ୍ତି । ଅନ୍ୟପକ୍ଷରେ ଆମ ଦେଶର ସାମାଜିକ ପ୍ରଗତି ସୂଚକ ୧୩୩ଟି ଦେଶକୁ ନେଇ ଅନୁଧ୍ୟାନ କରାଯାଇଥିବା ସୂଚନା ଅନୁସାରେ ଆମଦେଶ, ବାଙ୍ଗଲାଦେଶ ଓ ନେପାଳ ଠାରୁ ପଛରେ ରହି ସ୍ୱାସ୍ଥ୍ୟ, ପରିମଳ ଏବଂ ବ୍ୟକ୍ତିଗତ ନିରାପ□। ଇତ୍ୟାଦି ଭିତିରେ ୧୦୧ ସ୍ଥାନରେ ଅଛି । ଏହି ସମୟରେ କେନ୍ଦ୍ର ସରକାର ଶ୍ରମ ଆଇନ୍‌ର ପରିବର୍ତନ କରି ମାଲିକ ସପକ୍ଷବାଦୀ କରିବା ପାଇଁ ଯୋଜନା କରିଛନ୍ତି । କର୍ମଚାରୀ ସ୍ୱାସ୍ଥ୍ୟବୀମା ଯୋଜନାକୁ ବାତିଲ କରିବା ଯୋଜନା, ଭବିଷ୍ୟନିଧି ପାଣ୍ଠିକୁ ପୁଞ୍ଜିବଜାରରେ ବିନିଯୋଗ କରିବା ପାଇଁ ଯୋଜନା ସହିତ ଦେଶର ୧୨ଟି ଲାଭଦାୟକ ରାଷ୍ଟ୍ରାୟା□ ଉଦ୍ୟୋଗରୁ ଅଂଶଧନ ବିକ୍ରିକରି ୪୧ ହଜାର କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ରଖିଛନ୍ତି । ଏହି ତାଲିକାରେ ଓଡ଼ିଶା ଏବଂ ଭାରତର ଗୌରବ ନବରତ୍ନ ଅନ୍ତର୍ଗତ ନାଲ୍‌କୋ ମଧ ସ୍ଥାନ ପାଇଛି । ଚାଷୀଙ୍କ ଠାରୁ ଯୋର ଜବରଦସ୍ତ ଜମି ମାଲିକାନାରୁ ବିସ୍ଥାପିତ କରି ଶିଳ୍ପପତିମାନଙ୍କ ହାତକୁ ଟେକି ଦେବାର ଜିଦ୍‌ରେ ମୋଦି ସରକାର ଅଟଳ । ବୀମା ବିଲ ସଂସଦରେ ପାସ ହେବା ଫଳରେ ରାଷ୍ଟ୍ରାୟା□ ଜୀବନବୀମା ଓ ସାଧାରଣ ବୀମା ଦୁର୍ବଳ ହେବ । ଏହାଫଳରେ ସାମାଜିକ ନିରାପ□। ପାଇଁ କୋଟି କୋଟି ଟଙ୍କା ଆସିବାର ରାସ୍ତା ବନ୍ଦ ହେବ । ବଜେଟ୍‌ରେ ପୁଞ୍ଜିପତି ମାନଙ୍କ ପାଇଁ କମ୍ପାନୀ ଟିକ୍ସରୁ ପ୍ରତିବର୍ଷ ୧% କରି ୫ ବର୍ଷ ପାଇଁ ୫% କମାଇ ଦିଆଯାଇଛି, କିନ୍ତୁ କର୍ମଚାରୀ ମାନଙ୍କ ପାଇଁ ଟଙ୍କାଟିଏ ମଧ ନାହିଁ । ରାଜ୍ୟ ଅବସ୍ଥା ମଧ ତଦ୍ରୂପ । ଖଣି, ଚିଟ୍‌ଫଣ୍ଡ ଏବଂ ଜମି ଦୁର୍ନୀତିରେ ରାଜ୍ୟ ସରକାରଙ୍କର ସଂପୃକ୍ତି ପ୍ରମାଣିତ ହୋଇଯାଇଛି । ବିଦ୍ୟୁତ ବ□ନରେ ଅବହେଳା କାରଣ ପାଇଁ ଉପରୋକ୍ତଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ନବୀନ ସରକାର ରିଲାଏନ୍ସକୁ ଦାୟୀତ୍ୱରୁ ହଟାଇଛନ୍ତି । କିନ୍ତୁ ଘରୋଇକରଣ ବ୍ୟବସ୍ଥା ବନ୍ଦ ହୋଇନାହିଁ । ବିଭିନ୍ନ ଶିଳ୍ପସଂସ୍ଥା ଶହ ଶହ କୋଟି ଟଙ୍କାର ଜଳକର ବାକି ଥିଲେ ମଧ ଆଦାୟ ହେଉନାହିଁ । ବିଭିନ୍ନ ବିଭାଗରେ ଲକ୍ଷାଧିକ ପଦବୀ ଖାଲି ପଡ଼ିଥିଲେ ମଧ ପୂରଣ କରାନଯାଇ ଠିକାକରଣରେ ଶାସନ ଚାଲିଛି । ଶିକ୍ଷା ବିଭାଗରେ ସର୍ବାଧିକ ପଦବୀ ଖାଲି ପଡ଼ିଛି । ଧାନ ସଂଗ୍ରହରେ ସରକାର ନୁହେଁ ଦଲାଲମାନେ ଆଗରେ ଅଛନ୍ତି । ଫଳରେ ଅଭାବି ବିକି ପ୍ରମାଣିତ ହୋଇଛି । ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଖରାପ । ନାରୀ ନିର୍ଯାତନା ବଢ଼ିଛି । ବେକାରୀ ଓ ଶ୍ରମିକ ଶୋଷଣ ତାଳ ଦେଇ ବଢ଼ିଛି । ଉନ୍ନବିଂଶ ଶତାବ୍ଦୀର ଶେଷ ଦଶକରେ ସମାଜବାଦୀ ରାଷ୍ଟ୍ର ସୋଭିଏତ୍ ୟୁନିୟନର ପତନ ଓ ଖଣ୍ଡବିଖଣ୍ଡିତ ହେବାପରେ ପୁଞ୍ଜିପତି ଶ୍ରେଣୀ ଓ ତାଙ୍କ ସରକାର ମାନେ ପୁଞ୍ଜିବାଦ ହିଁ ଶେଷ କଥା ରହିବ ବୋଲି ଘୋଷଣା କଲେ । ସାରା ପୃଥିବୀରେ ଶ୍ରମିକମାନଙ୍କ ଉପରେ ଜଘନ୍ୟ ଆକ୍ରମଣ ଆରମ୍ଭ ହେଲା । ଗଣତାନ୍ତ୍ରିକ ଓ ଧର୍ମଘଟ ଅଧିକାରକୁ ଛଡ଼ାଇ ନେବାର ପ୍ରୟାସ ଆରମ୍ଭ ହେଲା, କିନ୍ତୁ ବ□ମାନର ସ୍ଥିତି ସମ୍ପୂର୍ଣ୍ଣ ଓଲଟା । ପୁଞ୍ଜିବାଦ ବ୍ୟବସ୍ଥା ଅତ୍ୟନ୍ତ ସଙ୍କଟ ମଧ୍ୟରେ ଗତି କରୁଥିବାବେଳେ ଶ୍ରମିକ ଶ୍ରେଣୀ ପୁଣି ତାର ପୂର୍ବ ଶକ୍ତି ଫେରିବା ପାଇଁ ସଫଳ ହେବାରେ ଲାଗିଛି । ସାରା ଦୁନିଆର ପ୍ରଗତି ଓ ନିର୍ମାଣର ବିଧାଣୀ ଶ୍ରମିକଶ୍ରେଣୀ ଓ ତାର ଲୁହ ଲହୁ ପରିଶ୍ରମର ଉତ୍ପନ୍ନ ସମସ୍ତ ବସ୍ତୁ ଓ ସାମଗ୍ରୀକୁ ବିଳାଶବ୍ୟସନରେ ଭୋଗ କରୁଥିବା ପୁଞ୍ଜିପତି ଶ୍ରେଣୀ ଶେଷ କଥା ନୁହେଁ, ଶ୍ରମିକଶ୍ରେଣୀ ହିଁ ଶେଷ କଥା କରିବା ଏହାହିଁ ଚିରନ୍ତନ ଓ ଐତିହାସିକ ସତ୍ୟ । ଦୁନିଆର ଶ୍ରମିକ ଏକ ହୁଅ । ମଇ ଦିବସ ଦୀର୍ଘଜୀବୀ ହେଉ । ମଣିଷ ଉପରେ ମଣିଷର ଶୋଷଣ ବନ୍ଦ ହେଉ, ଏହା ହିଁ ଆଜିର ଆହ୍ୱାନ ।

*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର : ୯୯୩୭୧୭୨୮୧୦*




## ବିଶ୍ୱ ଶ୍ରମିକ ଦିବସ

◆ ରାମଚନ୍ଦ୍ର ବେହେରା


ଆଜି ପରା ମଇ ପହିଲା ତାରିଖ
ବିଶ୍ୱ ଶ୍ରମିକ ଦିବସ
ଯାହା ପାଇଁ ଦେଶ ପ୍ରଗତି କରୁଛି
ସେ ଆମ ଚିର ନମସ୍ୟ
ଦିବାରାତି ଶ୍ରମ କରି
ଦୁନିଆଁକୁ ଯିଏ ନୂଆ ରୂପ ଦିଏ
ଭୁଲି ନିଜ ସୁଖ ଶିରୀ ।
ନଦୀବନ୍ଧ ରାସ୍ତା କଳ କାରଖାନା
ଗଢେ ଅଟ୍ଟାଳିକା ସିଏ
ଦେବାଳୟ ଗୀର୍ଜା ମସଜିଦ୍ ସ୍ତୁପ
ତା ପାଇଁ ଜଗତେ ଶୋହେ
ସ୍ୱଳ୍ପ ରୋଜଗାର ପାଏ
ପରିବାର ପାଇଁ ଦେଶ ବିଦେଶରେ
ଦାଦନ ଖଟଇ ସିଏ ।
ଲହୁଲୁହ ଢାଳି କରମ କରେ ସେ
କର୍ମ ତା ଜୀବନ ଧର୍ମ
ଦେଶ ହିତ ପାଇଁ ଶ୍ରମଦାନ କରେ
ଭୁଲି ମାନ ଅଭିମାନ
ସେ ପରା ଆମରି ମିତ
ଖରା ବର୍ଷା ଶୀତ ତା ପାଇଁ ସମାନ
ଖଟୁଥାଏ ଅବିରତ ।
କର୍ମମୟ ତାର ସଶକ୍ତ ଜୀବନ
ବସୁଧାର ଯୋଗ୍ୟ ପୁତ୍ର
ଅର୍ଥାଭାବ ସହ ପରିବାର ପାଳେ
ଖଟିଖଟି ଦିବାରାତ୍ର
ଆଜି ଏ ଶୁଭ ମୁହୂର୍ତେ
ଆସ କିଛି ନୂଆ ନିୟମ ଗଢିବା
ଶ୍ରମିକ ଭାଇର ହିତେ ।
ନିର୍ଦ୍ଦିଷ୍ଟ ସମୟ ଶ୍ରମ ତା ରହିବ
ପାଇବ ଉଚ୍ଚ ପାଉଣା
ମାନ ସନମାନ ଦେବା ତାକୁ ସର୍ବେ
ସମାଜରେ ହେବ ଗଣା
ସିଏ ଆମ ଆପଣାର
ଯା' ପାଇଁ ହସୁଛି ଏ ସାରା ଦୁନିଆଁ
ଦେବା ତାକୁ ଉପହାର ।

*ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬*

# ବିଶ୍ୱ ଶ୍ରମିକ ଦିବସ

◆ ତ୍ରିନାଥ ଓଝା

ଶ୍ରମିକ, ଯେଉଁମାନେ ନିର୍ମାଣ କରିଥାନ୍ତି ବିଶ୍ୱକୁ । ରାତି ଦିନ ଏକ କରି ମୁଣ୍ଡଝାଳ ତୁଣ୍ଡରେ ମାରି ଅକ୍ଳାନ୍ତ ପରିଶ୍ରମ କରିଥାନ୍ତି । ଖରା, ବର୍ଷା, ଶୀତ ହେଉ ଅବା କାକର କାହାର ବି ପ୍ରଭାବ କାଟୁ କରି ନଥାଏ ଏମାନଙ୍କୁ । ସମାଜର ତଳସ୍ତରରେ ରହି ସମାଜ ଗଠନରେ ଏକ ଗୁରୁ ଦାୟିତ୍ୱ ନେଇଥାନ୍ତି ଏହି ଶ୍ରମିକମାନେ । ଶ୍ରମିକମାନେ ହେଲେ ଆଧୁନିକ ଯୁଗର ବିଶ୍ୱକର୍ମା । ଏମାନଙ୍କ ବିନା ସୃଷ୍ଟିର କଳନା କରିବା ବୃଥା । ହେଲେ ଦୁନିଆକୁ ଗଢୁଥିବା ଏହି ଶ୍ରମିକର ମୁଣ୍ଡ ଗୁଞ୍ଜିବାକୁ ବି ନଥାଏ ନିଜସ୍ୱ ଏକ ଘର । ୧୮୮୬ ମସିହାରେ ପ୍ରଥମେ ଶ୍ରମିକଙ୍କ କାର୍ଯ୍ୟ ସମୟ ୧୨ରୁ ୧୬ ଘଂଟ□। ପରିବର୍ତେ ଆଠ ଘଂଟାକୁ କମାଇବା ନେଇ ଶ୍ରମିକ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଏହା ପରଠାରୁ ଶ୍ରମ ଆଇନ ଗଠନ କରାଯାଇ ଶ୍ରମିକମାନେ ଆଠଘଂଟା କାର୍ଯ୍ୟ, ଆଠଘଂଟା ବିଶ୍ରାମ ଓ ଆଠ ଘଂଟା ମନୋରଞ୍ଜନ କରିବେ ବୋଲି ଘୋଷଣା କରାଯାଇଥିଲା । ତେବେ ଆଜିର ନବ ଉଦାରବାଦୀ ଅର୍ଥନୀତି ଭିତରେ ଶ୍ରମ ଆଇନରେ ପରିବର୍ତନ ଦେଖାଦେଇଛି । ନୂଆ ନୂଆ ବିଦେଶୀ କମ୍ପାନୀଙ୍କ ପ୍ରବେଶ ପରେ ସେଠାରେ ଶ୍ରମିକମାନଙ୍କୁ ଆଠଘଂଟା ପରିବର୍ତେ ୧୨ ଘଂଟାରୁ ୧୬ ଘଂଟା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ବାଧ କରାଯାଉଛି । କିନ୍ତୁ ସେମାନଙ୍କ ସୁରକ୍ଷା ଓ ସ୍ୱାର୍ଥରକ୍ଷା ପ୍ରତି କିଛି ବି ପଦକ୍ଷେପ ନିଆଯାଉନାହିଁ । ଶ୍ରମିକମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଜୋତା, ଗ୍ଲୋବସ୍ ଓ ହେଲମେଟ୍ ଯୋଗାଇ ଦେବାକୁ ଘୋଷଣା କରିଥିଲେ । ସେସବୁ ଶତ




ପ୍ରତିଶତ କାର୍ଯ୍ୟକାରୀ ହୋଇନାହିଁ । ରାଜ୍ୟ ବର୍ତମାନ ପାଖାପାଖି ୬ ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି । କେବଳ ମାଟି ଖୋଳୁଥିବା ଓ ଘର କରୁଥିବା ଲୋକେ ଶ୍ରମିକ ନୁହନ୍ତି, ଏମିତିକି ଚାକିରୀ କ୍ଷେତ୍ରରେ ମଧ କାର୍ଯ୍ୟରତ ସମସ୍ତ କର୍ମଚାରୀ ଯେଉଁମାନଙ୍କର କି ନିରାପତା ନାହିଁ ସେମାନେ ଜଣେ ଜଣେ ଶ୍ରମିକ । ଏ ସଭିଁଏ ହେଉଛନ୍ତି ଅଣସଂଗଠିତ ଶ୍ରମିକ । ଭାରତ ବର୍ଷରେ ଥିବା ଶ୍ରମିକମାନଙ୍କ ମଧ୍ୟରେ ୯୩ ପ୍ରତିଶତ ହେଉଛନ୍ତି ଏହି ଅଣସଂଗଠିତ ଶ୍ରମିକ ଶ୍ରେଣୀର । କିନ୍ତୁ ଏମାନଙ୍କୁ ଆଜି ପର୍ଯ୍ୟନ୍ତ ଶ୍ରମ ନିୟମର ଅନ୍ତର୍ଭୁକ୍ତ କରାଯାଇନାହିଁ । ରାଜ୍ୟରେ କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କୁ ପଞ୍ଜିକୃତ କରାଇ ସେମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସରକାରୀସ୍ତରରେ ଯୋଜନାମାନ କରାଯାଇଛି । ନିର୍ମାଣ ଶ୍ରମିକଙ୍କୁ ଭତା, ପେନ୍‌ସନ, ଘର ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା, ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ୨ ଲକ୍ଷ ଟଙ୍କା ଯୋଗାଇ ଦିଆଯାଉଛି । ହେଲେ କେତେକ ସ୍ଥଳରେ ପ୍ରକୃତ ହିତାଧିକାରୀ ଏସବୁ ସୁବିଧାରୁ ବଂଚିତ ହେଉଛନ୍ତି । ପ୍ରତିବର୍ଷ ଏପରି ଶ୍ରମିକ ଦିବସ ପାଳନ ଚାଲିଥିବାବେଳେ ଦାଦନ ସମସ୍ୟା ସୁଧାରିବାକୁ ନେତାଏ ଭୁଲି ଯାଉଛନ୍ତି । ରାଜ୍ୟ ବାହାରକୁ କେତେ ଶ୍ରମିକ ଦାଦନ ଖଟିବାକୁ ଯାଉଛନ୍ତି ତାହା ଆଜି ପର୍ଯ୍ୟନ୍ତ ପଞ୍ଜିକୃତ କରାଯାଇନାହିଁ । ଗୋଟିଏ ପଟେ ଶ୍ରମିକ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଖୁସି ମନାଯାଉଥିବା ବେଳେ ଅପର ପକ୍ଷରେ ଦାଦନ ଖଟି ଅଙ୍ଗ ହରାଉଛି ଶ୍ରମିକ । ଆଉ ଏକ ଘଟଣା ପରେ ପିଡ଼ିତଙ୍କୁ ସହାୟତା ରାଶି ଧରେଇ ଦେଇ ଘଟଣାକୁ ଚାପି ଦିଆଯାଉଛି । କିନ୍ତୁ ଏହି ଘଟଣାର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ସରକାରୀସସ୍ତରରେ ଇଚ୍ଛାଶକ୍ତିର ଯେ ଅଭାବ ରହୁଛି, ତାହା ବର୍ତମାନର ଶ୍ରମିକ ସମସ୍ୟା ସ୍ପଷ୍ଟ ସୂଚିତ କରୁଛି ।

*ଭାଗବତ ଗାଦି
ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ :୯୨୩୮୬୦୨୮୨୫*



# ଶ୍ରମିକ ଓ ଶ୍ରମକ୍ଷେତ୍ର

କୌଣସି ସମାଜ, ଦେଶ, ସଂସ୍ଥା ଏବଂ ଉଦ୍ୟୋଗରେ ଶ୍ରମିକ, କାରିଗର ଏବଂ ଶ୍ରମଜୀବୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏମାନେ ନିଜ ହାତ, ମସ୍ତିଷ୍କ ଏବଂ ସାରା ଶରୀରର ବିନିଯୋଗ କରି ଶ୍ରମ ଦାନ କରିଥାନ୍ତି । ଏମାନଙ୍କ ଯୋଗୁଁ କୌଣସି ଉଦ୍ୟୋଗ ସଫଳ ହୋଇ ପାରିଥାଏ । ଶ୍ରମିକଙ୍କ ବିନା କୌଣସି ଉଦ୍ୟୋଗ ତିଷ୍ଠି ରହିବା ସମ୍ଭବପର ନୁହେଁ । ଶ୍ରମିକମାନଙ୍କ ଗୁରୁତ୍ୱକୁ ଉପଲବ୍ଧି କରିବା ଏବଂ ସେମାନଙ୍କ କଲ୍ୟାଣ ଦିଗରେ ସାମଗ୍ରୀକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମଇ ମାସ ପହିଲାକୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ରୂପେ ପାଳନ କରାଯାଇଥାଏ । ଏହି ଦିବସ ପାଳନର ପରମ୍ପରା ୧ ମଇ ୧୮୮୬ ମସିହାରେ ଆରମ୍ଭ ହୋଇଥିଲା । ୮ଘଂଟା କାମ କରିବା ଦାବି ନେଇ ଏହି ଦିନ ଆମେରିକାର ଚିକାଗୋ ସହରରେ ଶ୍ରମିକମାନେ ଆନ୍ଦୋଳନ ଚଳାଇଥିବା ସମୟରେ ବୋମା ବିସ୍ଫୋରଣ ଘଟିଥିଲା । ବୋମା ବିସ୍ଫୋରଣକାରୀ ସଂପର୍କରେ ଜଣା ପଡ଼ିନଥିଲେ ହେଁ ପୋଲିସ ଆନ୍ଦୋଳନକାରୀଙ୍କ ଉପରକୁ ଗୁଳି ଚଳାଇଥିଲା । ଏଥିରେ ୭ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣା ବିଶ୍ୱବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା । ଧୀରେ ଧୀରେ ଶ୍ରମିକଙ୍କୁ ଆଠ ଘଂଟା କାମ କରାଯିବା ନିୟମକୁ ବିଶ୍ୱର ସମସ୍ତ ରାଷ୍ଟ୍ର ଆଇନରେ ପରିଣତ କରିଥିଲେ । ଉକ୍ତ ଘଟଣା ସ୍ମୃତିରେ ପ୍ରତିବର୍ଷ ମଇ ପହିଲାକୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ରୂପେ ପାଳନ କରାଯାଇଥାଏ । ଶତାଧିକ ବର୍ଷ ତଳେ ପ୍ରଥମେ ଆମେରିକାରେ ଶ୍ରମିକମାନେ ଶ୍ରମଦାନର ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ ଦାବିରେ ଯେଉଁ ସଫଳତା ହାସଲ କରିଥିଲେ ତାହାକୁ ନେଇ ଶ୍ରମିକ ଦିବସର ସୃଷ୍ଟି । ଏହାମଧ ମଇ ଦିବସ ନାମରେ ଜଣାଶୁଣା । ମଇ ପହିଲାରେ ସାରା ବିଶ୍ୱରେ ଶ୍ରମିକ ଦିବସ ପାଳିତ ହୋଇଥାଏ । ତେବେ ଆମର କହିବାର କଥା ହେଲା ଯେ, ଶ୍ରମିକମାନେ ଯୁଗେ ଯୁଗେ ଶ୍ରମଦାନ କରି ସମାଜକୁ ଓ ଏହାର ଅର୍ଥନୀତିକୁ ବଳିଷ୍ଠ କରିଥାନ୍ତି । ସେମାନଙ୍କ ରକ୍ତ ଓ ଝାଳବୁହା ପରିଶ୍ରମରେ ଏ ସମାଜର ବଡ଼ ବଡ଼ କଳକାରଖାନା, ରାସ୍ତାଘାଟ, ବନ୍ଧ, ଆପାର୍ଟମେଂଟ ଆଦି ନିର୍ମାଣ ହୋଇଥାଏ । ଏପରିକି ଏ ବିଶ୍ୱର ଯେତେଗୁଡ଼ିଏ କୀର୍ତିରାଜି ଏ ପର୍ଯ୍ୟନ୍ତ ଅତ୍ୟନ୍ତ ମନୋରମ ଭାବେ ପରିଚିତ ସେଗୁଡ଼ିକ ମଧ ଏହି ଶ୍ରମିକମାନଙ୍କ ଅବଦାନ । ତାହା କୋଣାର୍କର ସୂର୍ଯ୍ୟ ମନ୍ଦିର ହୋଇପାରେ ବା ଲଣ୍ଡନ ଟାୱାର ହୋଇପାରେ ଅଥବା ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର ହୋଇପାରେ । ସବୁଠି ଶ୍ରମିକମାନଙ୍କ ଅବଦାନ ନିହିତ । ସେପରିସ୍ଥଳେ ଶ୍ରମିକମାନେ କିଭଳି ଅର୍ଥନୈତିକ ସ୍ତରରେ ସବଳ ହୋଇପାରିବେ ଏବଂ ସମାଜରେ ସମ୍ମାନଜନକ ଭାବେ ଜୀବନ ଅତିବାହିତ କରିବା ସହ ପରିବାର ପ୍ରତିପୋଷଣ କରିପାରିବେ ସେଥିଲାଗି ବିଧିବଦ୍ଧ ଆଇନ ଆନ୍ତର୍ଜାତିକ ସ୍ତରରେ ରହିଥିଲେ ହେଁ ଭାରତବର୍ଷରେ ତାହା ଲାଗୁ ହୋଇପାରିବ ନାହିଁ । ଆନ୍ତର୍ଜାତିକ ଶ୍ରମ ପ୍ରତିଷ୍ଠାନ ଆଇନ କେବଳ କାଗଜପତ୍ର ଭିତରେ ସୀମିତ । ଏହା ବ୍ୟତୀତ ଆମ ଦେଶରେ ମଧ ଶ୍ରମିକ କ୍ଷତିପୂରଣ ଆଇନ-୧୯୨୩, ଟ୍ରେଡ୍ ୟୁନିୟନ ଆଇନ-୧୯୨୬, ମଜୁରୀ ପ୍ରଦାନ ଆଇନ-୧୯୪୮, ଇପିଏଫ ଓ ଅନ୍ୟାନ୍ୟ ବ୍ୟବସ୍ଥା ନେଇ ଆଇନଗତ ସୁବିଧା କରାଯାଇଛି । କିନ୍ତୁ ପ୍ରଶ୍ନ ଉଠୁଛି ଯେ ଏହି ଆଇନଗତ ସୁବିଧା ସତରେ କେତେ ପ୍ରତିଶତ ଶ୍ରମିକଙ୍କୁ ମିଳୁଛି । ଆମ ଦେଶରେ ସାତଭାଗ ଶ୍ରମିକ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିଲାବେଳେ ଆଉ ୯୩ ଭାଗ ହେଉଛନ୍ତି ଅସଂଗଠିତ ଶ୍ରମିକ । ତେଣୁ ସିଂହଭାଗ ଶ୍ରମ ଆଇନ ପରିଧି ଭିତରକୁ ଆସୁନାହାନ୍ତି । ଏହି ଅସଂଗଠିତ ଶ୍ରମିକମାନଙ୍କ ଚାକିରି ନିରାପତା, ମଜୁରୀ, ସାମାଜିକ ସୁରକ୍ଷା ଆଦି ନେଇ କୌଣସି ବିଧିବଦ୍ଧ ବ୍ୟବସ୍ଥା ନାହିଁ କହିଲେ ଚଳେ । ଶ୍ରମ ଆଇନ ମଧ ଏମାନଙ୍କ କ୍ଷେତ୍ରରେ ଲାଗୁ ହୁଏ ନାହିଁ । ଏହି ସବୁ ଶ୍ରମିକଙ୍କ ଲାଗି ସାମାଜିକ ସୁରକ୍ଷା ଆଇନ-୨୦୦୮ ପ୍ରଣୟନ କରାଯାଇଥିଲେ ହେଁ ତାହା ମଧ କାଗଜପତ୍ର ମଧ୍ୟରେ ସୀମାବଦ୍ଧ ବୋଲି କୁହାଯାଇପାରେ । ଅଥଚ ଅନ୍ୟପକ୍ଷରେ ଜାତୀୟ ଆୟ ୬୦ ଭାଗ ଅବଦାନ ଏହି ଅସଂଗଠିତ ଶ୍ରମିକଙ୍କ ଶ୍ରମଦାନର ଫଳ ବୋଲି କୁହାଯାଇପାରେ । ତେବେ ଅସଲ ପ୍ରଶ୍ନଟି ହେଲା, ଏହି ଶ୍ରମିକମାନଙ୍କ ସୁବିଧା ପାଇଁ ସରକାର କ'ଣ କରିଛନ୍ତି କରୁଛନ୍ତି ଓ କରିବେ ? ଏବେ ଭାରତବର୍ଷରେ ଉଦାରୀକରଣ, ଜଗତୀକରଣ ଓ ଘରୋଇକରଣ ଅର୍ଥନୀତି କାର୍ଯ୍ୟକାରୀ ହେଉଛି । ସେପରିସ୍ଥଳେ ପ୍ରଚଳିତ ଶ୍ରମ ଆଇନକୁ ନିଜ ବାଟରେ ନେବା ଲାଗି ଅନେକ କର୍ପୋରେଟ ହାଉସ ଓ ପୁଞ୍ଜିପତି ଯେ ଉଦ୍ୟମରତ ତାହା କହିବା ଅନାବଶ୍ୟକ । ଏହି ଦୃଷ୍ଟିକୋଣରୁ ଆମେ ଏଠାରେ କହି ରଖୁ, ଉଭୟ କେନ୍ଦ୍ର ସରକାର ଓ ସବୁ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ । ୧୨୦ କୋଟି ଜନସଂଖ୍ୟା ଥିବା ଏହି ଦେଶର ୭୦ ଭାଗ ଶ୍ରମିକ ହୋଇଥିଲାବେଳେ ସେମାନଙ୍କ ସ୍ୱାର୍ଥକୁ ସର୍ବପ୍ରଥମେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଶ୍ରମ ନିର୍ଘଂଟ, ନିଯୁକ୍ତି, ମଜୁରୀ, ପେନ୍‌ସନ, ସ୍ୱାସ୍ଥ୍ୟ ସୁବିଧା ଆଦି ସେମାନଙ୍କୁ ଯୋଗାଇଦେବା ନିତାନ୍ତ ଜରୁରୀ । ଅବଶ୍ୟ ଓଡ଼ିଶା ପରିପ୍ରେକ୍ଷୀରୁ ଦେଖିଲେ ରାଜ୍ୟ ସରକାର ସମ୍ପ୍ରତି ଅସଂଗଠିତ ନିର୍ମାଣ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଲାଗି କେତେଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି ଯାହା ସ୍ୱାଗତଯୋଗ୍ୟ । କିନ୍ତୁ ସେତିକିରେ ରାଜ୍ୟ ସରକାର ଆତ୍ମତୃପ୍ତି ଲାଭ କରିବା ଅନୁଚିତ । ବରଂ ନିର୍ମାଣ ଶ୍ରମିକଙ୍କ ସହିତ ଅନ୍ୟ ଶ୍ରମିକମାନଙ୍କୁ ମଧ ତୁଳନାତ୍ମକ ବିଚାର ସହିତ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବା ନିତାନ୍ତ ଆବଶ୍ୟକ । ଶ୍ରମିକର ଉନ୍ନତି ହେଲେ ସାମଗ୍ରୀକ ଭାବେ ଦେଶର ଉନ୍ନତି ଘଟିବା ସ୍ୱାଭାବିକ ।




# ଭବ୍ୟ ଚନ୍ଦନ ଯାତ୍ରାରେ ପ୍ରଭୁଙ୍କ ଦିବ୍ୟାଦି ବେଶ

◆ଅଧ୍ୟାପକ ଶ୍ରୀ ହେମନ୍ତ କୁମାର ଗନ୍ତାୟତ

ମହାପ୍ରଭୁ ପୁରୁଷୋତମ ଶ୍ରୀଜଗନ୍ନାଥ ହେଉଛନ୍ତି ରହସ୍ୟମୟ ଠାକୁର । ତାହାଙ୍କ ରହସ୍ୟକୁ ବୁଝିବା ପାଇଁ ଯହିଁ ଦେବ ଓ ଦାନବ ଅସମର୍ଥ; ସେହି ରହସ୍ୟମୟଙ୍କ ରହସ୍ୟକୁ କିପରି ବା ସାଧାରଣ ମଣିଷ ବୁଝି ପାରିବ ! ତେଣୁ ପୁରାଣରେ କୁହାଯାଇଛି:

**ସ୍ୱର୍ଗ ରହସ୍ୟସ୍ତ୍ୱ ପୁରୁଷୋତମସ୍ୟ ।**
**ଦେବାଃ ନ ଜାନନ୍ତି କୁତଃ ମନୁଷ୍ୟାଃ॥**

ମହାବାହୁ କେବଳ ରହସ୍ୟମୟ ଠାକୁର ନୁହଁନ୍ତି; ସେ ହେଉଛନ୍ତି ଭାବବିନୋଦିଆ ଭକ୍ତ ବତ୍ସଳ ଭାବଗ୍ରାହୀ ମଧ୍ୟ । ମହାପ୍ରଭୁ ନିଜ ଭକ୍ତଙ୍କ ଲାଗି ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରିଚାଲିଛନ୍ତି । କାଳିଆ ସାଆନ୍ତ ନିଜର ଭକ୍ତ, ସେବକ ଓ ପତିତ ଜନଙ୍କୁ କୋଳେଇ ନେବା ପାଇଁ ସ୍ୱଦେହରେ ଶ୍ରୀମନ୍ଦିରରୁ ରଥକୁ ଆସନ୍ତି । ପୁଣି କେତେବେଳେ ନିଜର ଚଳନ୍ତି ପ୍ରତିମାକୁ ଅବିର ଖେଳିବା ପାଇଁ ଆଜ୍ଞା ଦେଇଥାନ୍ତି ଏବଂ ପୁଣି କେତେବେଳେ ସଂସାର ବାସୀଙ୍କୁ ଉତାପରୁ ଶାନ୍ତି ଦେବା ଲାଗି ଚନ୍ଦନ ଯାତ୍ରାର ଆୟୋଜନ କରିଥାନ୍ତି । ଏଥି ପାଇଁ ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ତଥା ପରମ ବୈଷ୍ଣବ ନିଜର ବସନ୍ତରାସରେ ଉଲ୍ଲେଖ କରିଛନ୍ତି ଯେ :

' ଦୋଳେ ତୁ ଦୋଳ ଗୋବିନ୍ଦସ୍ତ୍ୱ ଚାପେ ତୁ ମଧୁସୂଦନମ୍ ,
ରଥେ ତୁ ବାମନସ୍ତ୍ୱ ଦୃଷ୍ଟ୍ୱା ପୁନର୍ଜନ୍ମ ନବିଦ୍ୟତେ।

ଶ୍ରୀମନ୍ଦିରରେ ବାର ମାସରେ ତେର ଯାତ୍ରା ଅନୁଷ୍ଠିତ ହୋଇଥାଏ । ସେଥିମଧ୍ୟରୁ ଚାପ ବା ଚନ୍ଦନଯାତ୍ରା , ଯାହା ସବୁ ଯାତ୍ରାମାନଙ୍କ ମଧ୍ୟରୁ ବହୁଦିନ ପର୍ଯ୍ୟନ୍ତ ଅର୍ଥାତ୍ ୪୨ ଦିନ ଧରି ରୀତି ନୀତି ସହକାରେ ପାଳନ କରାଯାଏ । ଏହି ଯାତ୍ରାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ପ୍ରଥମଟି ହେଉଛି ବାହାର ଚନ୍ଦନ ଯାତ୍ରା । ଯାହା ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ୨୧ଦିନ ପର୍ଯ୍ୟନ୍ତ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ବିଧି ବିଧାନ ଅନୁଯାୟୀ ଅନୁଷ୍ଠିତ ହୋଇଥାଏ । ସେ'ପରି ଦ୍ୱିତୀୟଟି ହେଉଛି ଭିତର ଚନ୍ଦନ ଯାତ୍ରା, ଯାହା ଜ୍ୟେଷ୍ଠ କୃଷ୍ଣ ନବମୀ ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ୨୧ଦିନ ଯାଏଁ ଶ୍ରୀମନ୍ଦିର ଭିତରେ ପାଳନ କରାଯାଏ । ଉଭୟର ନାମ ଚନ୍ଦନ ଯାତ୍ରା ହୋଇଥିଲେ ମଧ୍ୟ ରୀତିନୀତିରେ ଭିନ୍ନତା ରହିଛି । ବାହାର ଚନ୍ଦନ ଯାତ୍ରା ସମୟରେ ପ୍ରତିଦିନ ଶ୍ରୀମନ୍ଦିରର ମଧ୍ୟାହ୍ନ ଧୂପ ବଢିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ରାମକୃଷ୍ଣ ଏବଂ ପାଂଚ ପାଣ୍ଡବ ରୂପୀ ପଂଚ ମହାଦେବ ଯଥା: ଯମେଶ୍ୱର, କପାଳମୋଚନ, ଲୋକନାଥ, ମାର୍କଣ୍ଡେଶ୍ୱର ଓ ନୀଳକଣ୍ଠେଶ୍ୱର ବିମାନରେ ବସି ବଡ଼ଦେଉଳରୁ ନରେନ୍ଦ୍ରକୁ ଆସିଥାନ୍ତି । ଏଥି ପୂର୍ବରୁ



ଏହି ପୁଷ୍କରିଣୀ କୂଳରେ ଏକ ଛାମୁଣ୍ଡିଆ ତିଆରି ହୋଇ ରହିଥାଏ । ସେହି ଛାମୁଣ୍ଡିଆ ତଳେ ଦଶଗୋଟି ଚଳନ୍ତି ପ୍ରତିମାଙ୍କୁ ଅବସ୍ଥାପିତ କରାଯାଇ ରୂପା ପିଙ୍ଗଣରେ ଥିବା ସୁବାସିତ ଜଳ ଦ୍ୱାରା ପଦଧୌତ କରାଯାଏ । ଏହାପରେ ଦୁଇଟି ସୁସଜ୍ଜିତ ନୌକା ବା 'ଚାପ' ଆସିଥାଏ । ଯା'ର ନାମ ନନ୍ଦା ଓ ଭଦ୍ରା । ନନ୍ଦା ନାମକ ଚାପରେ ମହାପ୍ରଭୁ ଶ୍ରୀମଦନମୋହନ, ମାଆ ଶ୍ରୀଦେବୀ ଓ ମାଆ ଭୂଦେବୀ ବିରାଜମାନ କରନ୍ତି । ସେପରି ଭଦ୍ରାରେ ଶ୍ରୀରାମକୃଷ୍ଣ (ବଳଭଦ୍ରଙ୍କ ପ୍ରତିମା) ଏବଂ ପାଂଚ ପାଣ୍ଡବଙ୍କ ବିଗ୍ରହ ବିଜେ କରିବା ପରେ ଉଭୟ ଚାପରେ ବସିଥିବା ଠାକୁରମାନେ ନରେନ୍ଦ୍ର ପୁଷ୍କରିଣୀରେ ଘେରାଏ ଘେରାଏ ବୁଲି ଆସିଥାନ୍ତି । ଏହାପରେ ସ୍ନାନରୀତି ନିମନ୍ତେ କୁଣ୍ଡମାନଙ୍କରେ ଚନ୍ଦନ, କର୍ପୂର, କସ୍ତୁରୀ, ଜାଇଫଳ, ମଲ୍ଲୀ, ଚମ୍ପା, ଜୁଇ ଓ ସୁଗନ୍ଧରାଜ ପ୍ରଭୃତି ବ୍ୟବହାର କରି ସୁବାସିତ ଜଳ ପ୍ରସ୍ତୁତ କରାଯାଏ । ସେହି କୁଣ୍ଡର ସୁବାସିତ ସୁଶୀତଳ ଜଳରେ ଠାକୁର ମାନଙ୍କୁ ଅବଗାହନ କରାଯାଏ । ଏହାକୁ କୁହାଯାଏ ଦିବସ ଚାପ । ଦ୍ୱିସ ଚନ୍ଦନ ଯାତ୍ରା ଶେଷ ଏକୋଇଶ ଦିନରୁ କୋଡ଼ିଏ ଦିନ ଯାଏଁ ମଦନମୋହନଙ୍କୁ ପ୍ରତ୍ୟେକ ଦିନ ନୂଆ ନୂଆ ବେଶ କରାଯାଇଥଏ । ସେହି ବେଶ ଗୁଡ଼ିକ ହେଉଛି: ନଟବର ବେଶ ଯାହା ଅକ୍ଷୟ ତୃତୀୟାରେ ହୋଇଥାଏ । ସେ'ପରି ହରିଜନ୍ମ ବେଶ ଚତୁର୍ଥୀରେ, ରାଜାଧିରାଜ ବେଶ ପଂଚମୀରେ, ଖଟଦୋଳି ବେଶ ଷଷ୍ଠୀରେ, ଗୋମତୀ କୃଷ୍ଣ ବେଶ ସପ୍ତମୀରେ, ବସ୍ତ୍ରାଚାରଣ ବେଶ ଅଷ୍ଟମୀରେ, ବସ୍ତ୍ରାହରଣ ବେଶ ନବମୀରେ, ଅଘାସୁର ବଧ ବେଶ ଦଶମୀରେ, ଚକ୍ର ନାରାୟଣ ବେଶ ଏକାଦଶୀରେ, ନାବକେଳି ବେଶ ଦ୍ୱାଦଶୀରେ, ରାହାସମଣ୍ଡଳି ବେଶ ତ୍ରୟୋଦଶୀରେ, ନୃସିଂହ ବେଶ ଚତୁର୍ଦ୍ଦଶୀରେ, କନ୍ଦର୍ପ ରଥ ବେଶ ବୈଶାଖ ପୂର୍ଣ୍ଣିମାରେ, ଷଡ଼ଭୂଜ ଗୌରାଙ୍ଗ ବେଶ ଜ୍ୟେଷ୍ଠ କୃଷ୍ଣ ପ୍ରତିପଦାରେ, ରଘୁନାଥ ବେଶ ଦ୍ୱିତୀୟାରେ, ଗିରିପୂଜା ବେଶ ତୃତୀୟାରେ, ଗିରିଟେକା ବେଶ ଚତୁର୍ଥୀରେ, ବସ୍ତ୍ରହରଣ ବେଶ ପଂଚମୀରେ, ଚିନ୍ତାମଣୀ କୃଷ୍ଣ / ମଦନମୋହନ ବେଶ ଷଷ୍ଠୀରେ,ଗଜ ଉଦ୍ଧାରଣ ବେଶ ସପ୍ତମୀରେ ଓ କୁଞ୍ଜବିହାରୀ ବେଶ କୃଷ୍ଣ ଅଷ୍ଟମୀରେ କରାଯାଇଥାଏ । ଏପରି ପ୍ରତେକ ଦିନର ଚାପ ବେଶ ପରେ ରାତ୍ର ଚାପ ନୀତି ବଢ଼ିଥାଏ । ରାତ୍ରୀ ଚାପରେ ଦୁଇ ଚାପ ସହ ଅନ୍ୟ ଏକ ବଜନ୍ତୀ ନୌକା ବିହରଣରେ ବ୍ୟବହୃତ ହୋଇଥାଏ । ବଜନ୍ତୀ ନୌକାରେ ଜଣେ ଘଂଟୁଆ, ଜଣେ କାହାଳିଆ, ଜଣେ ତେଲିଙ୍ଗି ବାଜା ବାଦନ ରହିଥାନ୍ତି ଏବଂ ସେମାନଙ୍କ ସହ ଜଣେ ସେବାୟତ ପୋଲାଙ୍ଗ ତେଲର ଦିହୁଡ଼ୀ ଧରିଥାନ୍ତି । ଦିବସ ଚାପରେ ଗୋଟିଏ ଘେରା ଶେଷ ହେଉଥିବାବେଳେ ରାତ୍ରୀ ଚାପରେ ତିନି ଘେରା ବୁଲିଥାନ୍ତି ଚଳନ୍ତି ପ୍ରତିମାମାନେ ଓ ରାତ୍ରୀ ଚାପ ନୀତି ବଢିବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ଫେରି ଆସିଥାନ୍ତି । ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ବା ୨୧ ତମ ଦିନ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ପ୍ରତିନିଧି ଦେବତା ମଦନମୋହନ, ରାମକୃଷ୍ଣ ଓ ପଂଚ ମହାଦେବ ୨୧ ଘେରା 'ଭଉଁରୀ' ବା ଜଳକ୍ରୀଡ଼ା କରିଥାନ୍ତି । ଏହାକୁ ଭଉଁରୀ ଯାତ୍ରା କୁହଯାଏ । ଏହି ସମୟରେ ପୁରୀକୁ ବହୁ ସଂଖ୍ୟାରେ ଭକ୍ତମାନେ ଆସି ମହାପ୍ରଭୁଙ୍କ ଦିବ୍ୟ ମାନବୀୟ ଲୀଳା ଦେଖି କୃତାର୍ଥ ହୋଇଥାନ୍ତି । ଏ ଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ଓଡ଼ିଶାର କଳା, ସଂସ୍କୃତି ଏବଂ ପରମ୍ପରାର ପ୍ରତୀକ । ଯାହା ଦୀର୍ଘ ୪୨ ଦିନ ଧରି ଚାଲୁଥିବା ପର୍ବ ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଥିବା ପ୍ରେମ ଓ ଭକ୍ତିର ଅନୁଭବକୁ ବଢ଼ାଇବା ସହ ଆନନ୍ଦ ପ୍ରଦାନ କରିଥାଏ ।

*ଖମ୍ବେଶ୍ୱରୀ ପାଟଣା , ଆସିକା, ଗଞ୍ଜାମ-୯୮୬୧୩୩୪୮୬୮*

# ବୁଦ୍ଧ ଜୟନ୍ତୀ ଉପଲକ୍ଷେ ଭଗବାନ ବୁଦ୍ଧ

ଦୁଇ ହଜାର ପାଂଚ ଶହ ବର୍ଷ ତଳେ ଜନ୍ମ ନେଇଥିଲେ ଗୌତମ ବୁଦ୍ଧ । ସମଗ୍ର ଏସିଆର ଆଲୋକ ଭାବେ ଗୌତମ ବୁଦ୍ଧ ପରିଚିତ । ସଦାଚାରର ତୁଙ୍ଗିମା, ନୈତିକତାର ସୀମା, ପ୍ରଜ୍ଞାର ଗଭୀରତା କ'ଣ ସେ ବିଶ୍ୱକୁ ଜଣାଇଯାଇଛନ୍ତି । ପ୍ରାଚୀନ ସମୟରେ ଜନସମାଜରେ ସଂଘ, ସଂଗଠନ, ଗଣକଲ୍ୟାଣ ଓ ମାନବର ଚି ସଂସ୍କାର ପରି ତାଙ୍କର ମୌଳିକ ସାଧନଗୁଡ଼ିକ ବର୍ତମାନର ବିଶ୍ୱରେ ବିସ୍ମୟ ସୃଷ୍ଟି କରେ । ନିଖିଳ ବିଶ୍ୱରେ ସଚଳ ପ୍ରାମାଣିକ ପୁରୁଷ ହିଁ ଗୌତମ ବୁଦ୍ଧ । କାରଣ ବିଜ୍ଞାନ ପ୍ରସୂତ ଫଟୋଗ୍ରାଫି ଅନୁପସ୍ଥିତି କାଳରେ ସ୍ଥପତି ଓ ଭାସ୍କର ମଣ୍ଡଳୀ ଯାହାକୁ ବିପୁଳତାର ସହିତ ଖୋଦନ କରିଗଲେ, ତାହା ବୁଦ୍ଧଙ୍କର ନାନାଦି ଅବସ୍ଥାର ଶିଳ୍ପାନ୍ୱିତ ଗାରିମା ଓ ସୁଷମା । ପୁରାଣ, ଲୋକକଥା, କିମ୍ବଦନ୍ତି ଓ ଶ୍ରୀ ଜୟଦେବଙ୍କ ବିଶ୍ୱବିଖ୍ୟାତ ଶ୍ରୀ ଗୀତଗୋବିନ୍ଦର ଦଶବତାର ସ୍ତୋତ୍ରରେ ବୁଦ୍ଧଙ୍କୁ ନବମ ଅବତାରର (କେଶବ ଧୃତ, ବୁଦ୍ଧ ଶରୀର ଜୟ ଜଗଦୀଶ ହରେ) ମାନ୍ୟତା ମିଳିପାରିଛି । ଆମର ପ୍ରିୟ ଦେବତା ଶ୍ରୀଜଗନ୍ନାଥ ମଧ ବୁଦ୍ଧାବତାର ଗ୍ରହଣ କରିଥିଲେ ବୋଲି ବହୁ କାବ୍ୟ-ପୁରାଣରେ ବର୍ଣ୍ଣନା କରାଯାଇଛି । ଶୁଦ୍ରମୁନି ଶାରଳା ଦାସ ଲେଖିଛନ୍ତି - ନବମେ ବନ୍ଦିଲି ମୁଁ ବୁଦ୍ଧ ଅବତାର । ବୌଦ୍ଧ ରୂପେ ବିଜେ କଲ ଶ୍ରୀନୀଳକନ୍ଦର । ସଂସାର ଜନଙ୍କୁ ତାରିବା ନିମନ୍ତେ । ବୁଦ୍ଧ ରୂପେ ବିଜେ ଅଛ ଆହେ ଜଗନ୍ନାଥେ । ଜଗନ୍ନାଥ ଦାସ ତାଙ୍କ ଭାଗବତରେ ଲେଖିଛନ୍ତି - ପ୍ରବୁଦ୍ଧ ବୁଦ୍ଧ ଅବତାରରେ, ଜ୍ଞାନ ବିସ୍ତାରି ଏ ସଂସାରେ । ବେଦର ଧର୍ମ ଛଡ଼ାଇବେ, ନିର୍ଗୁଣ ଧର୍ମ ପ୍ରଚାରିବେ । ସମଗ୍ର ଶରୀର ମାଧ୍ୟମରେ ସବୁ ଇନ୍ଦ୍ରିୟଙ୍କ ସାହାଯ୍ୟରେ ଯେଉଁ ଅଦୃଶ୍ୟ ଶକ୍ତି କାର୍ଯ୍ୟ କରୁଥାଏ ତା'ର ନାମ ହିଁ ଆତ୍ମା । ଅନ୍ୟଥା ତା'ର କୌଣସି ସ୍ୱତନ୍ତ୍ର, ବିଶେଷ ଅସ୍ତିତ୍ୱ ନାହିଁ ।



ଏହି ତତ୍ୱ ଓ ତଥ୍ୟ ହିଁ ଆମର ଅନାତ୍ମବାଦ ତତ୍ୱ । ବୁଦ୍ଧଦେବ ଅବାନ୍ତର, ଅଯୌକ୍ତିକ ଏବଂ ଅପ୍ରମେୟ ବିଷୟ ସବୁ ଆଲୋଚନା କରି ସମୟ ନଷ୍ଟ କରିବାକୁ ଆଦୌ ଚାହୁଁନଥିଲେ । ସେ କହୁଥିଲେ, ମନୁଷ୍ୟ ଜନ୍ମ ଦୁର୍ଲ୍ଲଭ । କିନ୍ତୁ କାମନା ଓ ବାସନାର ବଶବର୍ତୀ ହୋଇ ସେ ଦୁଃଖ ଭୋଗ କରେ । କାମନାର ବିନାଶରେ ହିଁ ଦୁଃଖର ବିନାଶ । ତେଣୁ ଦୁଃଖର କାରଣ ନିର୍ଣ୍ଣୟ କରିବା ସହ କାମନା ଏବଂ ତୃଷ୍ଣାର ବିନାଶ ସାଧନ କରି ସୁଖଶାନ୍ତି ପାଇବା ହିଁ ମନୁଷ୍ୟ ଜୀବନର ଏକମାତ୍ର ଲକ୍ଷ୍ୟ । ସେଥିପାଇଁ ଈଶ୍ୱର, ସ୍ୱର୍ଗ ଇତ୍ୟାଦି ଅପ୍ରମେୟ ବିଷୟ ସମ୍ପର୍କରେ ଆଲୋଚନା କରି ସମୟ ନଷ୍ଟ କରିବା ଉଚିତ ନୁହେଁ । ବୁଦ୍ଧଦେବ ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ ନିରବ ରହୁଥିବାରୁ ତାଙ୍କର ମତବାଦକୁ ନିରୀଶ୍ୱରବାଦୀ ଏବଂ ଅନାତ୍ମବାଦୀ ବୋଲି କୁହାଯାଏ । ବୁଦ୍ଧଙ୍କ ଦର୍ଶନ ଏବଂ ତତ୍ୱ ଗଭୀର ହେଲେ ହେଁ ସରଳ, ଯୁକ୍ତିଯୁକ୍ତ ଓ ବୈଜ୍ଞାନିକ । ସେ ନିଶ୍ଚିତ ଭାବରେ ଜଣେ ଅଦ୍ୱିତୀୟ ଅବତାର ଥିଲେ । ତାଙ୍କର କରୁଣା, କ୍ଷମା, ଅହିଂସା, ପ୍ରେମ, ସହନଶୀଳତା, ମାନବିକତା, ବାସ୍ତବିକ୍ ଅସାଧାରଣ ଥିଲା ।

# ବୌଦ୍ଧ ଧର୍ମର ଗୀତା : ଧମ୍ମପଦ

ଗୌତମ ବୁଦ୍ଧଙ୍କର ଉପଦେଶ ଗୁଡ଼ିକୁ ଧମ୍ମପଦ ଗ୍ରନ୍ଥରେ ସଂକଳିତ କରାଯାଇଛି । ଏହା ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କ ପାଇଁ ଗୀତା ସଦୃଶ । ଏହା ବୌଦ୍ଧ ସାହିତ୍ୟର ସର୍ବୋତ୍କୃଷ୍ଟ ଏବଂ ଲୋକପ୍ରିୟ ଗ୍ରନ୍ଥ । ଧମ୍ମପଦର ଅର୍ଥ ଧର୍ମ ବିଷୟରେ କୌଣସି ଶବ୍ଦ, ପଂକ୍ତି ବା ବାକ୍ୟ । ଏହା ଭଗବାନ ବୁଦ୍ଧଙ୍କ ନୈତିକ ଉପଦେଶର ସଂଗ୍ରହ । ଏହା ପାଲି ଭାଷାରେ ଲିଖିତ । ଏହାର ୧୨୩ଟି ଅଧ୍ୟାୟ ରହିଛି । ଖ୍ରୀଷ୍ଟପୂର୍ବ ୩୦୦ରୁ ୧୦୦ ମଧ୍ୟରେ ଏହା ରଚିତ ହୋଇଥିଲା । ବୌଦ୍ଧ ସଂଘରେ ଏହି ଗ୍ରନ୍ଥର ଉପଦେଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ । ଏହି ଗ୍ରନ୍ଥର ବ୍ୟାଖ୍ୟାରେ ପାରଙ୍ଗମ ହେବା ବୌଦ୍ଧ ସଂଘରେ ପରିପକ୍ୱତା ଏବଂ ଉଚ୍ଚତାର ମାପଦଣ୍ଡ ବୋଲି ବିବେଚନା କରାଯାଏ । ବୌଦ୍ଧ ସାଧୁସନ୍ଥ ମାନେ ଏହି ଗ୍ରନ୍ଥର କୌଣସି ଅଂଶରୁ ନିଜର ପ୍ରବଚନ ଆରମ୍ଭ କରନ୍ତି । ଭାଷାର ସରଳତା,



ସହଜବୋଧତା ଏବଂ ଗ୍ରହଣଶୀଳତା ଯୋଗୁଁ ସାଧାରଣ ବୌଦ୍ଧ ଧର୍ମାବଲମ୍ବୀମାନେ ମଧ୍ୟ ଏହାକୁ ଆଦର କରନ୍ତି । ଏହି ଗ୍ରନ୍ଥରେ ଗୁଢ଼ ଏବଂ ଅତି ସୂକ୍ଷ୍ମ ଦାର୍ଶନିକ ଏବଂ ଆଧ୍ୟାତ୍ମିକ ତତ୍ୱ ବ୍ୟାଖ୍ୟା ଏବଂ ବର୍ଣ୍ଣନା ଖୁବ୍ ସୁନ୍ଦର ଏବଂ ଗ୍ରହଣଶୀଳ ଭାବରେ କରାଯାଇଛି । ମହାତ୍ମା ବୁଦ୍ଧ ସାରା ବିଶ୍ୱରେ ସାମାଜିକ ଏକତା ଏବଂ ବନ୍ଧୁତ୍ୱର ସମର୍ଥକ ଥିଲେ । ସେ ନିଜର ଉପଦେଶ ଏବଂ ପ୍ରାର୍ଥନାରେ ସବୁବେଳେ ବିଶ୍ୱ ଭ୍ରାତୃତ୍ୱ ଏବଂ ସର୍ବକଲ୍ୟାଣର ଇଚ୍ଛାବ୍ୟକ୍ତ କରିଥିଲେ । ଗୋଟିଏ ସ୍ଥାନରେ ତଥାଗତ ବୁଦ୍ଧ କହିଥିଲେ, ହେ ଭିକ୍ଷୁଗଣ ! ତୁମମାନଙ୍କର ମୈତ୍ରୀ ବିଶ୍ୱପରି ବ୍ୟାପକ ହେବା ଏବଂ ଭାବନା ସାଗର ପରି ଅସୀମ ହେବା ଆବଶ୍ୟକ । ଯେଉଁ ଥିରେ ସାମାନ୍ୟତମ ଦ୍ୱେଷ ବି ନଥିବ । ତଥାଗତଙ୍କର ଏହି ବାଣୀ ସମଗ୍ର ସଂସାର ମନୁଷ୍ୟ ମାନଙ୍କ ସୁଖ ଏବଂ କଲ୍ୟାଣ ପାଇଁ ଉଦ୍ଦିଷ୍ଟ, ଯେଉଁଥିରେ କରୁଣା ଏବଂ ବିଶ୍ୱ ମୈତ୍ରୀର ଭାବ ନିହିତ । ବୁଦ୍ଧଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ପଂଚଶୀଳର ସିଦ୍ଧାନ୍ତ ସମାଜକୁ କ୍ରୋଧ, ଦ୍ୱେଷ, ଈର୍ଷା ଆଦି ସଂକୀର୍ଣ୍ଣତାରୁ ମୁକ୍ତ ହୋଇ ସମ୍ପୂର୍ଣ୍ଣ ବିଶ୍ୱରେ ଭ୍ରାତୃଭାବ ସହ ଏକ ପରିବାର ଭାବରେ ରହିବା ନିମନ୍ତେ ପ୍ରେରିତ କରେ । ବୁଦ୍ଧଙ୍କ ଉପଦେଶ ଥିଲା - ତୁମର ମନ ପୃଥିବୀ ପରି ଦୃଢ଼ ଏବଂ ସହନଶୀଳ ହେଉ, ବାୟୁ ପରି ସ୍ୱଚ୍ଛ ହେଉ ଏବଂ ଗଙ୍ଗା ନଦୀ ପରି ଗଭୀର ହେଉ । ତାଙ୍କର ମତ ଥିଲା ମନୁଷ୍ୟକୁ ପ୍ରତ୍ୟେକ ପ୍ରାଣୀ ସହ ମୈତ୍ରୀ ଭାବ ରଖିବା ଆବଶ୍ୟକ । ଯଦ୍ୱାରା କେହି ଦୁର୍ବ୍ୟବହାର କଲେ ମନ ବିଚଳିତ ହେବ ନାହିଁ । ସେ ମନର ପବିତ୍ରତା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ତାଙ୍କର ମତ ଥିଲା, ଶତ୍ରୁକୁ ଶତ୍ରୁତା ଦ୍ୱାରା ଶେଷ କରିହେବ ନାହିଁ । ଶତ୍ରୁତା ମୈତ୍ରୀ ଭାବ ଦ୍ୱାରା ଶେଷ ହୋଇପାରେ

# ବୁଦ୍ଧାନୁକୂଳଂ ଶରଣଂ ଗଚ୍ଛାମି

ପରମ ପୁରୁଷ ଯୁଗାବତାର କଲ୍କୀ ବିଗ୍ରହ ପୁରୁଷୋତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ - ଭଗବାନ ବୁଦ୍ଧ ଓ ଭଗବାନ ହଜରତ୍ ମହମ୍ମଦ ଇତ୍ୟାଦିଙ୍କ ବିରୁଦ୍ଧରେ ଯେଉଁ ଅପବାଦ ଚାଲୁଛି ତାହାର ନିରାକରଣ କରିବାକୁ ହେବ । ଭଗବାନ ବୁଦ୍ଧ ବର୍ଣ୍ଣଧର୍ମ ସ୍ୱୀକାର କରୁଥିଲେ, ଆର୍ଯ୍ୟସତ୍ୟ - ଆର୍ଯ୍ୟସତ୍ୟ ବୋଲି ବାରମ୍ବାର କହୁଥିଲେ, ଆର୍ଯ୍ୟକୃଷ୍ଟି ଉପରେ ଭଗବାନ ବୁଦ୍ଧଙ୍କର ସବୁକିଛି ଭିତି । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆନନ୍ଦ ସହକାରେ ପ୍ରକାଶ କଲେ - ଧର୍ମଯାଜକ (ଋତ୍ୱିକ୍) ଉପଗୁପ୍ତଙ୍କର ଏକ ଭଜନର ତାନରେ ସମ୍ରାଟ ଅଶୋକଙ୍କର ଅନ୍ତରସ୍ଥଳ ଜାଗି ଉଠିଥିଲା । ଉପଗୁପ୍ତଙ୍କ ମାଧ୍ୟମରେ ସମ୍ରାଟ ଅଶୋକ ଭଗବାନ ବୁଦ୍ଧଙ୍କୁ ଉପଲବ୍ଧି କରିଥିଲେ । ବୈଶିଷ୍ଟ୍ୟ ପାଳୀ ଆପୂରୟମାଣ ଧର୍ମପ୍ରବର୍ତକ ଗଣ ସମସ୍ତେ ଏକବାର୍ତାବାହୀ ଓ ଏକସତାବାହୀ । ବୌଦ୍ଧମତ ଓ ହିନ୍ଦୁମତରେ ପାର୍ଥକ୍ୟ ବହୁତ କମ୍ । କୁଳମାଲିକ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ମୁଁ ଶୁଣିଛି ଭଗବାନ ବୁଦ୍ଧ ପ୍ରକାରାନ୍ତରେ ବର୍ଣ୍ଣାଶ୍ରମ ସମର୍ଥନ କରୁଥିଲେ । ଭଗବାନ ବୁଦ୍ଧ ଗୃହୀମାନଙ୍କ ପାଇଁ ଗୃହୀ ଉପଯୋଗୀ ନିର୍ଦ୍ଦେଶ ଦେଇଛନ୍ତି । ପୁଣି ଭିକ୍ଷୁକ ବା ସନ୍ନ୍ୟାସୀ ମାନଙ୍କ ନିମିତ□ ସନ୍ନ୍ୟାସୀ ଉପଯୋଗୀ ନିର୍ଦ୍ଦେଶ ଦେଇଛନ୍ତି । ଗୃହୀ ମାନଙ୍କର ବିବାହ, ଚାଲିଚଳନ ସମ୍ବନ୍ଧରେ ଯେଉଁସବୁ ନିର୍ଦ୍ଦେଶ ଦେଇଛନ୍ତି ତାହା ସଙ୍ଗେ ବର୍ଣ୍ଣାଶ୍ରମର



କୌଣସି ବିରୋଧ ନାହିଁ । ବର୍ଣ୍ଣାଶ୍ରମ ହେଉଛି ଏକ ବିଜ୍ଞାନ-ଭିତିକ ସମାଜ ବିଧାନ । ଏହି ଭିତିଭୂମି ଭାଙ୍ଗିଦେଲେ ମନୁଷ୍ୟର ଅନ୍ତରରେ ଓ ବାହାରେ ଏକ ବିଶୃଙ୍ଖଳ ଅବସ୍ଥା ସୃଷ୍ଟି ହୁଏ । ଭଗବାନ ବୁଦ୍ଧଙ୍କର ଅଷ୍ଟଶୀଳ ନୀତି ସମ୍ବନ୍ଧରେ ବୁଝାଇବାକୁ ଯାଇ ପୁରୁଷୋ□ମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସତ୍‌ଦୃଷ୍ଟି, ସତ୍‌ସଂକଳ୍ପ, ସତ୍‌ବାକ୍ୟ, ସତ୍‌ବ୍ୟବହାର, ସଦୁପାୟେ ଜୀବିକାହରଣ, ସତ୍‌ଚେଷ୍ଟା, ସତ୍‌ସ୍ମୃତି ଓ ସମ୍ୟକ୍ ସମାଧି ଇତ୍ୟାଦି ଅଲଗା ଅଲଗା ବ୍ୟାପାର ନୁହେଁ । ସବୁଗୁଡ଼ିକ ମଧ୍ୟରେ ଏକ ସଙ୍ଗତି ରହିଛି । ଫଳକଥା - ଆଠଟି ନୀତି ମିଶି ଯେଭଳି ଗୋଟିଏ । ପ୍ରଧାନ କଥା ହେଲା - ଯାହାକିଛି କରିବୁ ତାହା ଯେପରି ଅସ୍ତିତ୍ୱପୋଷଣୀ ଓ ବୃଦ୍ଧିବାହୀ ହୁଏ । ଆଉ ଏହାର ମୂଳରେ ଅଛି - ବୁଦ୍ଧଂ ଶରଣଂ ଗଚ୍ଛାମି, ଅର୍ଥାତ୍ ବୁଦ୍ଧଙ୍କ ପ୍ରତି ଆନତି ସମ୍ପନ୍ନ ହୋଇ ତାଙ୍କର ନୀତିବିଧିକୁ ଆଶ୍ରୟ କରି ଜୀବନରେ ଚାଲିଲେ ମନୁଷ୍ୟ ବୁଦ୍ଧତ୍ୱ ଲାଭ କରେ । ମହାପ୍ରଭୁ ବୁଦ୍ଧଦେବଙ୍କର ପାଂଚ□ଜଣ ପ୍ରମୁଖ ଶିଷ୍ୟ ଥିଲେ । ମହାପ୍ରଭୁ ଅତି କୃଚ୍ଛତା ତ୍ୟାଗକରି ମଧ୍ୟମପନ୍ଥା ଅବଲମ୍ବନ କରିବାରୁ ଏହି ଶିଷ୍ୟ ମାନଙ୍କ ମନରେ ପ୍ରଶ୍ନ ଓ ସନ୍ଦେହ ଜାଗ୍ରତ ହୋଇଥିଲା । ଭଗବାନ ବୁଦ୍ଧ ସେମାନଙ୍କୁ ପୁଣି ସାରନାଥରେ ଦେଖାକରି ସେମାନଙ୍କର ସନ୍ଦେହମୋଚନ କରି ସେମାନଙ୍କ ମାଧ୍ୟମରେ ଧର୍ମଚକ୍ର ପ୍ରବର୍ତନ କରିଥିଲେ । ଏହି ପାଂଚ□ଶିଷ୍ୟ ଥରେ ପ୍ରତ୍ୟୟଦୀପ୍ତ ହେବାପରେ ନିଃସଂଶୟ ଚିତରେ ଆଦର୍ଶ ସତାର କର୍ମରେ ଆତ୍ମନିୟୋଗ କରିଥିଲେ । ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କ୍ଷୋଭ ଚିତରେ ପ୍ରକାଶ କଲେ - ପ୍ରାୟ ସମସ୍ତ ମହାପୁରୁଷଙ୍କ କ୍ଷେତ୍ରରେ ଦେଖାଯାଏ ସେମାନଙ୍କର ଜୀବନ ବିଷାଦ ଓ ଭାରାକ୍ରାନ୍ତ ଏହି ପ୍ରସଙ୍ଗରେ ପୁନର୍ବାର ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତକଲେ - ଏହା ହେଉଛି ଶିଷ୍ୟମାନଙ୍କର ସାମର୍ଥ୍ୟହୀନତାର ଲକ୍ଷଣ । ଅବତାର ପୁରୁଷମାନେ ସର୍ବଦା ନିଜ ପ୍ରତି ନିଷ୍ଠୁର କାରଣ ସେମାନେ ସର୍ବଦା ପରିବେଶର




ପ୍ରତିପ୍ରତ୍ୟେକଙ୍କର ମଙ୍ଗଳ ସାଧନରେ ବ୍ୟସ୍ତ, ଅବଶ୍ୟ ମଙ୍ଗଳ ନିମିତ ନିଜକୁ ସର୍ବସ୍ୱ ଦେବାପାଇଁ ସେମାନେ ଜଗତକୁ ଆସନ୍ତି, ନିଜ ପ୍ରତି ଚାହିଁବାର ଅବକାଶ ସେମାନଙ୍କ ପାଖରେ ନଥାଏ । ଏହିପରି ଅବସ୍ଥାରେ ପରିବେଶ ସେମାନଙ୍କ ପ୍ରତି ପ୍ରୀତିପରାୟଣ ହେଲେ ସେମାନେ ସ୍ୱସ୍ତି ଓ ଶାନ୍ତିରେ ରହିପାରନ୍ତି । ମହାପ୍ରଭୁ ବୁଦ୍ଧଦେବ କହିଥିଲେ - ଅହିଂସା ପରମ ଧର୍ମ । ଏ କଥାର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଅହିଂସା ଯେଉଁଠାରେ ସପରିବେଶ ସତାସମ୍ବର୍ଦ୍ଧନାକୁ ସର୍ବତୋ ଭାବରେ ପୁଷ୍ଟକରି ସାର୍ଥକ ହୋଇଉଠେ, ତାହା ଯେ ପରମ ଧର୍ମ ଏ ବିଷୟରେ କୌଣସି ସନ୍ଦେହ ନାହିଁ । ସତାକୁ ହତ୍ୟା ବା କ୍ଷୁର୍ଣ୍ଣ ନକରିବା ଯଦି ପରମ ଧର୍ମ ହୁଏ ତେବେ ସତା ହତ୍ୟାକାରୀ ଯାହା ତାହାକୁ ବିହିତ ଭାବରେ ନିରୋଧ କରିବା ମଧ ପରମ ଧର୍ମର ଅଙ୍ଗୀଭୂତ । ଆମ୍ଭେମାନେ ଜୀବନପ୍ରେମୀ ହେଲେ ମୃତ୍ୟୁ ବିରୁଦ୍ଧରେ ଚିରକାଳ ସଂଗ୍ରାମ କରିବାକୁ ହେବ । ମହାପ୍ରଭୁ ଯେତେବେଳେ ସଶରୀରରେ ରହି ଏହି ମର୍ତ୍ୟଧାମରେ ଲୀଳାଖେଳ କରନ୍ତି ତାଙ୍କର କଥାବାର୍ତା ଚଳନ ଓ ଭଙ୍ଗୀରେ ସମସ୍ତଙ୍କୁ ସତାପ୍ରେମୀ ଓ ଆତ୍ମାଭିମୁଖୀ କରିଉଠାନ୍ତି । ପ୍ରଭୁ କରୁଣା ପରବଶ ହୋଇ ମାନବ ଜନ୍ମ ଗ୍ରହଣ କରନ୍ତି ଓ ଆମ୍ଭମାନଙ୍କର ମଙ୍ଗଳ ନିମି□ ବହୁତ କଷ୍ଟ ସହ୍ୟ କରନ୍ତି । ସମସ୍ତଙ୍କୁ କାଳର ହାତରୁ ଉଦ୍ଧାର କରିବା ପାଇଁ ସେ କାଳାଧୀଶ ହୁଅନ୍ତି । ଦଶାବତାର ମଧ୍ୟରେ ମହାପ୍ରଭୁ ବୁଦ୍ଧ ଜଣେ । ମନୁଷ୍ୟର ଅନ୍ତରରେ ସବୁ ସମୟ ଏକ ଫାଙ୍କା ଫାଙ୍କା ଭାବ ଲାଗି ରହେ ଓ ତାହା ପୂର୍ଣ୍ଣ ହୁଏ ଯେତେବେଳେ ମନୁଷ୍ୟର ଅନୁରାଗ ଶ୍ରେୟ ନିବଦ୍ଧ ହୁଏ । ସେ ଅନୁରାଗ ହେବା ଉଚିତ ଅଚ୍ୟୁତ, ଦୁଃଖ-କଷ୍ଟ, ଦୈନ୍ୟ-ରୋଗ, ଶୋକ-ଆନନ୍ଦ ଇତ୍ୟାଦି ଦ୍ୱାରା ଅନୁରାଗ ଛିନ୍ନ ହୁଏନାହିଁ । ମନୁଷ୍ୟ ଜୀବନର ଯେତେକିଛି ପ୍ରଚେଷ୍ଟା ଏହି ଶୂନ୍ୟକୁ ପୂର୍ଣ୍ଣ କରିବା ପାଇଁ ଓ ପ୍ରେଷ୍ଠାନୁରାଗ ବ୍ୟତୀତ ଏହି ଶୂନ୍ୟ କେବେ ପୂର୍ଣ୍ଣ ହୁଏ ନାହିଁ । ମହାପ୍ରଭୁ ବୁଦ୍ଧଦେବ ସେଥିପାଇଁ ସବୁବେଳେ ନିର୍ବାଣ କଥା କହୁଥିଲେ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତକଲେ, ଶୁଣିଛି - ଭକ୍ତ ଆନନ୍ଦ ମହାପ୍ରଭୁ ବୁଦ୍ଧଦେବଙ୍କ ସହିତ କେତେଗୁଡ଼ିକ ସର୍ତ କରିଥିଲେ ସେଥିପାଇଁ ସେ ଅର୍ହ ପର୍ଯ୍ୟାୟରେ ଉନ୍ନୀତ ହୋଇ ପାରିନଥିଲେ । ଭଗବାନ ବା ଇଷ୍ଟଙ୍କ ପାଖରେ ଆମେ ଯେତେବେଳେ ଆତ୍ମୋତ୍ସର୍ଗ କରୁ ସେତେବେଳେ ଯଦି ନିଜସ୍ୱ ସର୍ତ ରଖାଯାଏ ତାହା ଆତ୍ମ ବିକାଶର ପଥରେ ବାଧା ଦିଏ । ଇଷ୍ଟ ବା ଗୁରୁଙ୍କର ଇଚ୍ଛା ପୂରଣ ବ୍ୟତୀତ କୌଣସି ବ୍ୟକ୍ତିଗତ ପ୍ରତ୍ୟାଶା ଥିଲେ ଆତ୍ମୋନ୍ନତି ପଥରେ ଅନ୍ତରାୟ ହୁଏ । ଭକ୍ତ କଶ୍ୟପ, ସାରୀପୁତ୍ର ଓ ମୌଦଗଲ୍ଲାୟନ ଇତ୍ୟାଦି ଭକ୍ତମାନେ ଅର୍ହ ପର୍ଯ୍ୟାୟରେ ଉନ୍ନୀତ ହୋଇ ଥିଲେ । ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତକଲେ, ମୋର ମନେହୁଏ ଶ୍ରମଣ, ଜ୍ୟୋତି, ସନ୍ନ୍ୟାସୀ ଇତ୍ୟାଦି ଭକ୍ତମାନଙ୍କର ସମ୍ପଦ ହିଁ ତାଙ୍କର ଚରିତ୍ର, ତାଙ୍କର ଜୀବନ ଓ ତାଙ୍କ ତପସ୍ୟା । ଏହି ଚରିତ୍ର ଭିତରେ ହିଁ ଜାତିର ପ୍ରକୃତ ଉନ୍ନତି ଘଟେ । ବୌଦ୍ଧ ମତବାଦ ମଧ୍ୟରେ ଉପନିଷଦର କଥା ଅନେକ ଅଛି ।



# ବୁଦ୍ଧଙ୍କ ସ୍ୱଗୃହ ପ୍ରତ୍ୟାବର୍ତ୍ତନ

ଭାରତର ଇତିହାସରେ ପ୍ରଥମ ଥର ପାଇଁ, ତଥାଗତ ବୁଦ୍ଧଙ୍କ ପବିତ୍ର ଅସ୍ଥି ଅବଶେଷ ନିଜର ସ୍ଥାୟୀ ସଂଗ୍ରହାଳୟ ତଥା ସଂରକ୍ଷଣ ସ୍ଥଳରୁ ବାହାରି ଏପରି ଏକ ଭୂମିକୁ ଆଶୀର୍ବାଦ ପ୍ରଦାନ କରିବାକୁ ଯାଉଛି, ଯେଉଁ ମାଟି ଶତାବ୍ଦୀ ଶତାବ୍ଦୀ ଧରି ଅନେକ କଷ୍ଟ, ପ୍ରତିକୂଳ ପରିସ୍ଥିତି ଏବଂ ଦୁର୍ଗମ ଉଚ୍ଚତା ସତ୍ତ୍ୱେ ବୌଦ୍ଧ ଧର୍ମକୁ ଜୀବନ୍ତ କରି ରଖିଛି । ଏହା କେବଳ ଏକ ଧାର୍ମିକ ଯାତ୍ରା ନୁହେଁ, ବରଂ ଏକ ମହାନ ସଭ୍ୟତା ନିଜେ ନିଜକୁ କରୁଥିବା ଅଭିବାଦନ ଓ ସମ୍ମାନର ପ୍ରତୀକ । ଜାତିର ଜୀବନ କାଳରେ ଏପରି କିଛି ମୁହୂର୍ତ୍ତ ଆସେ ଯେତେବେଳେ ଇତିହାସ କେବଳ ନିଜକୁ ଦୋହରାଏ ନାହିଁ - ବରଂ ଏହା ଆହୁରି ଗଭୀର ହୋଇଯାଏ । ଗତ ବୁଧବାର ଦିନ, ତଥାଗତ ବୁଦ୍ଧଙ୍କ ପବିତ୍ର ଅବଶେଷ ଭାରତରେ ପ୍ରଥମ ଥର ପାଇଁ ସାର୍ବଜନୀନ ଶ୍ରଦ୍ଧାର ଏହି ସ୍ତରରେ ଲଦାଖରେ ଅବତରଣ କରିବା ସମୟରେ, ମୁଁ ନିଜକୁ କେବଳ ଜଣେ ସରକାରୀ ପରିଭାଷାରେ ନୁହେଁ, ବରଂ ଏହାଠାରୁ ଢେର୍ ପ୍ରାଚୀନତାର ଦର୍ଶନ ନିମନ୍ତେ ସେଠାରେ ପହଂଚିବାର ଦେଖୁଛି : ତାହା ହେଉଛି ଶ୍ରଦ୍ଧାର ସହ ଭକ୍ତି । ଶହ ଶହ ବର୍ଷ ଧରି ଲଦାଖ ଏହି ଆଲୋକବର୍ତ୍ତିକାକୁ ଧରି ଆସିଛି । ଯେତେବେଳେ ଅସହ୍ୟ ଜାଡ଼ରେ ନଦୀମାନଙ୍କ ଜଳ ବରଫରେ ପରିଣତ ହୁଏ, ଭୂ-ରାଜନୈତିକ ଚାପ ମାଧ୍ୟମରେ ଯାହା ମାନବର ଆତ୍ମାର କଠିନତମ ପରୀକ୍ଷା ନିଏ, ଅପହଂଚ ଉଚ୍ଚତା ଯୋଗୁଁ ବିଚ୍ଛିନ୍ନତା ଏବଂ ସୁଉଚ୍ଚ ଦୁର୍ଗମ ପଥଗୁଡ଼ିକର ଦୂରତା ମାଧ୍ୟମରେ - ଲଦାଖର ଲୋକମାନେ ଧର୍ମକୁ ଅତ୍ୟନ୍ତ ନିଷ୍ଠାର ସହିତ ଜୀବିତ ରଖିଆସିଛନ୍ତି ଯାହା ପ୍ରତ୍ୟେକ ସଂସ୍ଥା ଏବଂ ପ୍ରତ୍ୟେକ ସରକାରଙ୍କୁ ଏହା ନିକଟରେ ନତମସ୍ତକ କରିଥାଏ । ତେଣୁ ଏହା ସମ୍ପୂର୍ଣ୍ଣ ଯଥାର୍ଥ ଯେ ଭାରତର ପ୍ରଥମ ଐତିହାସିକ ଓ ସାର୍ବଜନୀନ ତଥାଗତ ମୂର୍ତ୍ତି ପ୍ରଦର୍ଶନ, ଏକ ମହାନଗରୀର ବାତାନୁକୂଳିତ ସଂଗ୍ରହାଳୟରେ କରାଯାଉନାହିଁ । ଏହା ଏଠାରେ, ବିଶ୍ୱର ଛାତ ନାମରେ ପରିଚିତ ସ୍ଥାନରେ ଘଟେ, ଯେଉଁଠାରେ ବିଶ୍ୱାସକୁ ଦୈନନ୍ଦିନ ଜୀବନର ସ୍ଥାପତ୍ୟ ଭାବରେ ବିବେଚନା କରାଯାଇଥାଏ । ଏବେ ବିଚାର କରନ୍ତୁ ଯେ ଏହି ମୂର୍ତ୍ତିଗୁଡ଼ିକ କେଉଁଠାରୁ ଆସିଛି । ଏଗୁଡ଼ିକ ଉତର ପ୍ରଦେଶର ପିପ୍ରହୱାରୁ ଉଦ୍ଭବ ହୋଇଛି – ଐତିହାସିକ ଦୃଷ୍ଟିକୋଣରୁ ଏହା ସିଦ୍ଧାର୍ଥ ଗୌତମଙ୍କ ଜନ୍ମସ୍ଥାନ ପ୍ରାଚୀନ କପିଳାବସ୍ତୁ ଭାବରେ ଚିହ୍ନିତ ସ୍ଥାନ । ସେଗୁଡ଼ିକୁ ଲଦାଖକୁ ଆଣିବା ହେଉଛି, ସବୁଠାରୁ ଶାବ୍ଦିକ ଅର୍ଥରେ, ସ୍ୱଗୃହ ପ୍ରବର୍ତ୍ତନ । ଯୁଗ ଯୁଗର ଭାର ବହନ କରିବାରେ ସର୍ବପ୍ରଥମ ତଥାଗତଙ୍କ ପବିତ୍ର ଦେହାବଶେଷଗୁଡ଼ିକର ପବିତ୍ର ପ୍ରଦର୍ଶନ ଏକ ସରକାରୀ ମାନ୍ୟତା ବହନ କରେ ଯାହା ଅନ୍ୟ ଦୃଷ୍ଟିରୁ ବିଚାର କଲେ ଏକ ଘୋଷଣା ମଧ୍ୟ : 'ଯୁଦ୍ଧର ଘନଘଟା ମଧ୍ୟରେ ଶାନ୍ତି ।' ଯୁଦ୍ଧ, ଧ୍ୱଂସ ଏବଂ ଦିନକୁ ଦିନ ବୃଦ୍ଧି ପାଇଚାଲିଥିବା ଶତ୍ରୁତା ଦ୍ୱାରା ଆକ୍ରାନ୍ତ ଏକ ବିଶ୍ୱରେ, ଏହି ଶବ୍ଦଗୁଡ଼ିକ ଏଭଳି ଚିନ୍ତାଧାରା ନିମନ୍ତେ ଏକ ଆହ୍ୱାନ ଯେ ସଂଘର୍ଷ ଅନିବାର୍ଯ୍ୟ, ଶକ୍ତି ପାଇଁ ଆକ୍ରମଣ ଆବଶ୍ୟକ, ଅନିଶ୍ଚିତତାର ଏକମାତ୍ର ଉତର ହେଉଛି ବଳ । ବୁଦ୍ଧ ଅଢ଼େଇ ହଜାର ବର୍ଷ ପୂର୍ବେ ସେହି ଆହ୍ୱାନର ଅଭିନବ ଉତର ଦେଇଥିଲେ । ଆମେ ତାଙ୍କର ଶାରୀରିକ ଉପସ୍ଥିତିକୁ ପୁଣି ଥରେ ଫେରାଇ ଆଣୁଛୁ ଯାହା ଏକ ସଚେତନ ଦୃଷ୍ଟି ରଖୁଥିବା ବିଶ୍ୱକୁ ସ୍ମରଣ କରାଇଦିଏ ଯେ ଭଗବାନ ବୁଦ୍ଧଙ୍କ ସେହି ଉତର ଏବେ ବି ସମାନ ମାନ୍ୟତା ବହନ କରେ । ଗୌତମ ବୁଦ୍ଧଙ୍କ ପବିତ୍ର ଅବଶେଷ - ଅତ୍ୟନ୍ତ ପବିତ୍ରତାର ସହିତ ସଂରକ୍ଷିତ ହୋଇ ରହିଛି । ପ୍ରଥମ ଥର ପାଇଁ ମୂଳ ଆଧାର ଭାବରେ ଭାରତୀୟ ମାଟିରେ ପୂଜା ପାଇ ଆସୁଥିବା ଏହି ପବିତ୍ର ଦେହାବଶେଷ ସ୍ଥାୟୀ ସ୍ଥାନରୁ ଯାତ୍ରା କରୁଛି । ଏକ ସ୍ୱତନ୍ତ୍ର ବିମାନରେ ଜେଡ-କାଟେଗୋରୀ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ, ସେହିସବୁ ଦେହାବଶେଷ ଏପ୍ରିଲ ୨୯ ତାରିଖରେ ଲେହଠାରେ ପହଁଂଚ ଏବଂ ୨୫୬୯ତମ ବୈଶାଖ ବୁଦ୍ଧ ପୂର୍ଣ୍ଣିମାର ପବିତ୍ର ଅବସରରେ ଆରମ୍ଭ ହୋଇ ମେ ମାସ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ପନ୍ଦର ଦିନ ପାଇଁ, ଏଗୁଡ଼ିକ ସାରା ବିଶ୍ୱରୁ ଭକ୍ତ, ଭିକ୍ଷୁ, ବିଦ୍ୱାନ ଏବଂ ତୀର୍ଥଯାତ୍ରୀଙ୍କ ଦର୍ଶନ ନିମନ୍ତେ ଉପଲବ୍ଧ କରାଯିବ । ସ୍ଥାନର ମଧ୍ୟ ବିଶେଷ ମହତ୍ତ୍ୱ ରହିଛି ଯାହା ନିଜେ ଢେର କିଛି ସୂଚାଇଥାଏ । ମହାବୋଧି ଅନ୍ତର୍ଜାତୀୟ ଧ୍ୟାନ କେନ୍ଦ୍ର, ଐତିହାସିକ ଲେହ ପ୍ୟାଲେସରେ ଧର୍ମ କେନ୍ଦ୍ର, ଜୀବ-ସାଲର ଶିକ୍ଷା ପରିସର - ସେହି ପବିତ୍ର ଭୂମି ଯେଉଁଠାରେ ପରମପୂଜ୍ୟ ଦଲାଇ ଲାମା ତାଙ୍କର ଶିକ୍ଷା ପ୍ରଦାନ କରିଆସୁଛନ୍ତି – ସେହିଠାରେ ସେ ଏହି ପ୍ରଦର୍ଶନୀର ଆୟୋଜନ କରିବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଅବଶେଷଗୁଡ଼ିକ କେବଳ ଲେହରେ ସୀମିତ ହୋଇ ରହିବ ନାହିଁ । ମଇ ୧୧ରୁ ୧୨ ତାରିଖ ମଧ୍ୟରେ ଏହା ଦୁର୍ଗମ ଜାନ୍ସକାର ଉପତ୍ୟକାକୁ ଯାତ୍ରା କରିବ, ବୁଦ୍ଧଙ୍କ ଅପାର କରୁଣା ଏପରି ଏକ ସମ୍ପ୍ରଦାୟ ପରିଦର୍ଶନ କରିବାର ସୁଯୋଗ ପାଇବେ, ଯେଉଁମାନଙ୍କ ହୃଦୟରେ ବୌଦ୍ଧ ପରମ୍ପରା ସେମାନଙ୍କ ଅକଳନୀୟ ପରି ଗଭୀର । 'ଏହା ଭାରତର ଆତ୍ମା, ଏହାର ସଭ୍ୟତା ଏବଂ ଏକ ବିଭାଜିତ ବିଶ୍ୱ ପାଇଁ ଭଗବାନ ବୁଦ୍ଧ ବହନ କରୁଥିବା ସ୍ଥାୟୀ ବାର୍ତ୍ତାର ଏକ ଉତ୍ସବ । ଯେଉଁ ଭୂମି କେବେବି ଅଗ୍ନିକୁ ଲିଭିବାକୁ ଦିଏ ନାହିଁ ଏହି ଅବସର ପାଇଁ ଲଦାଖ କାହିଁକି ଉଚିତ ସ୍ଥାନ ତାହା ଜାଣିବା ନିମନ୍ତେ, ଲଦାଖ କ'ଣ ତାହା ପ୍ରଥମେ ବୁଝିବାକୁ ପଡିବ । ଏହା କେବଳ ମଠ ଏବଂ ପର୍ବତଗୁଡ଼ିକର ଏକ ନାଟକୀୟ ପରିଦୃଶ୍ୟ ନୁହେଁ, ସେହି ଦୃଶ୍ୟ ଯେତେ ମନୋରମ ହୋଇଥାଉ ନା କାହିଁକି । ଏହା ଧର୍ମର ଏକ ଜୀବନ୍ତ ବିଶ୍ୱବିଦ୍ୟାଳୟ । ହେମିସ୍ ମଠର ଶାନ୍ତ ଉଚ୍ଚତା- ଯାହାର ବାର୍ଷିକ ଉତ୍ସବ ସମଗ୍ର ହିମାଳୟ ଅଂଚଳରୁ ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିଥାଏ-ସେଠାରୁ ଆରମ୍ଭ କରି ଆଲଚିର ପ୍ରାଚୀନ କାନ୍ଥଚିତ୍ର ପର୍ଯ୍ୟନ୍ତ, ଯାହା ଦଶମ ଶତାବ୍ଦୀରେ ଅଙ୍କିତ ହୋଇଥିଲେ ମଧ୍ୟ ଆଜି ବି ଭକ୍ତିପୂତ କଳାତ୍ମକ ପ୍ରତିଭାରେ ଜୀବନ୍ତ ମନେହୁଏ । ଶ୍ୟୋକ୍ ନଦୀକୁ ଅସୀମ କରୁଣାର ଦୃଷ୍ଟି ସହିତ ଚାହିଁ ରହିଥିବା ଡିସ୍କିତର ସୁଉଚ୍ଚ ମୈତ୍ରେୟ ବୁଦ୍ଧଙ୍କଠାରୁ ଆରମ୍ଭ କରି ତିବ୍ବତର ମହାନ୍ ମଠଗୁଡ଼ିକ ସହିତ ତୁଳନା କରାଯାଇଥିବା ଥିକ୍ସେଙ୍କ ଅସୀମ ଜ୍ଞାନ ପର୍ଯ୍ୟନ୍ତ - ଲଦାଖ ଏକ ହଜାର ବର୍ଷରୁ ଅଧିକ ସମୟ ଧରି ବିଶ୍ୱରେ ବୌଦ୍ଧ ଦର୍ଶନ, କଳା, ପାଣ୍ଡୁଲିପି ପରମ୍ପରା ଏବଂ ଜୀବନଯାପନ ଅଭ୍ୟାସର ସବୁଠାରୁ ଅସାଧାରଣ ଭଣ୍ଡାର ମଧ୍ୟରୁ ଅନ୍ୟତମ ହୋଇ ରହିବାର ମାନ୍ୟତା ଅର୍ଜନ କରିଛି । ଏହି ମଠମାନ ଏବଂ ସେଠାରେ ବସବାସ କରୁଥିବା ଭିକ୍ଷୁଗଣ - ସେମାନେ ଏକ ପରମ୍ପରାର ସକ୍ରିୟ ବାହକ ଯାହା ହିମାଳୟ କ୍ଷେତ୍ରର ପ୍ରତ୍ୟେକ ଭୂ-ରାଜନୈତିକ ଝଡ଼ରୁ ଅଦ୍ୟାବଧି ନିଜକୁ ସୁରକ୍ଷିତ ରଖିଆସିଛି । ପୁନଶ୍ଚ, ସେମାନେ ସଂରକ୍ଷଣର ଏହି କାର୍ଯ୍ୟ ଏପରି ପରିସ୍ଥିତିରେ କରିଛନ୍ତି ଯାହା ଅଧିକାଂଶ ଶାସକଙ୍କ କଳ୍ପନାକୁ ପ୍ରଭାବିତ କରିବ : ମାତ୍ରାତିରିକ୍ତ ଥଣ୍ଡା, ସୀମିତ ସମ୍ବଳ, ଭିତିଭୂମି ବିଚ୍ଛିନ୍ନତା ଏବଂ ଏକ ଭୂଗୋଳ ଯାହା କେବଳ ବଂଚି ରହିବା ସାହସ ଓ ସାମର୍ଥ୍ୟ ଦାବି କରେ । ଲଦାଖ ସଦାବେଳେ କିପରି ଭାବରେ ରହିଆସିଛି ଏହା ହେଉଛି ଭାରତର ତା'ର ଆନୁଷ୍ଠାନିକ ସ୍ୱୀକୃତି - ମାନଚିତ୍ରର ଧାରରେ ଏହା କେବଳ ଏକ ନିକଟବର୍ତ୍ତୀ କ୍ଷେତ୍ର ନୁହେଁ, ବରଂ ଜାତିର ପରିଚୟର କେନ୍ଦ୍ରରେ ଏକ ସଦା ସ୍ପନ୍ଦନଶୀଳ ଆଧ୍ୟାତ୍ମିକ ଆତ୍ମା । ସଭ୍ୟତାର ଗଭୀରତାରେ ନିହିତ ଏକ ଦୃଷ୍ଟିକୋଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରମାଗତ ଭାବରେ ଲଦାଖକୁ ବୌଦ୍ଧ ସଂସ୍କୃତି ଏବଂ ଆଧ୍ୟାତ୍ମିକତାର ଏକ ଜୀବନ୍ତ କେନ୍ଦ୍ର ଭାବରେ ବର୍ଣ୍ଣନା କରିଛନ୍ତି । ସେ ଅନେକ ସମୟରେ ଲଦାଖବାସୀଙ୍କ ସହନଶୀଳତା ଏବଂ ଦେଶପ୍ରେମର ପ୍ରଶଂସା କରିଛନ୍ତି-ବିଶେଷ କରି ସୀମାର ପ୍ରତିକୂଳ ପରିସ୍ଥିତିରେ ଏବଂ ସେମାନଙ୍କର ଆଧ୍ୟାତ୍ମିକ ଶକ୍ତିକୁ ଜାତୀୟ ସଂକଳ୍ପ ତଥା ଏକତା ସହିତ ଯୋଡ଼ିଛନ୍ତି । ସେ ଏହା ସ୍ପଷ୍ଟ କରିଛନ୍ତି ଯେ, ଲଦାଖର ବିକାଶ ସେଠାକାର ଅନନ୍ୟ ସଂସ୍କୃତି ଏବଂ ପରିବେଶର ସଂରକ୍ଷଣ ସହିତ ସମାନ୍ତରାଳ ଭାବେ ଆଗକୁ ବଢ଼ିବ । ପ୍ରଧାନମନ୍ତ୍ରୀ ଯେଉଁ ପ୍ରସଙ୍ଗ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି : ଲଦାଖ କେବଳ ଏକ ବିଶାଳ ରଣନୈତିକ ମହତ୍ତ୍ୱ ବହନକାରୀ ଭୂମି ନୁହେଁ, ବରଂ ବୁଦ୍ଧଙ୍କ ବାଣୀର ଏକ ଜୀବନ୍ତ କେନ୍ଦ୍ର ମଧ୍ୟ । ପବିତ୍ର ଅବଶେଷର ପରିଦର୍ଶନ ଏକ ଆଧ୍ୟାତ୍ମିକ ଆଶୀର୍ବାଦ ଏବଂ ବୌଦ୍ଧ ଐତିହ୍ୟ ସଂରକ୍ଷଣରେ ଲଦାଖର ଶତାବ୍ଦୀ ଶତାବ୍ଦୀ ଧରି ରହିଆସିଥିବା ପ୍ରାଚୀନ ଭୂମିକାର ସ୍ୱୀକୃତି ଏବଂ ରାଷ୍ଟ୍ର ସେବା ପ୍ରତି ଏହାର ଲୋକଙ୍କ ସାହସ ଏବଂ ସମର୍ପଣ ଭାବ । ଏହି ଦୃଷ୍ଟିକୋଣ - ଏକ ଲଦାଖ ଯାହା ଏକଦା ଜାତୀୟ ସୁରକ୍ଷାର ସୀମା ଏବଂ ସଭ୍ୟତା ତଥା ଜ୍ଞାନର ଏକ ଦୁର୍ଗ ଭାବରେ ପରିଚିତ - ଏହି ସ୍ଥାନ ବିଷୟରେ ଉଲ୍ଲେଖ କରିବା ସବୁଠାରୁ ସୁସଙ୍ଗତ ବିଷୟ । ଲଦାଖ ଏକ ବିଭାଜିତ ବିଶ୍ୱକୁ କ'ଣ ଶିଖାଏ ଏହି ପ୍ରଦର୍ଶନୀ ଭାରତ ଦ୍ୱାରା ଆୟୋଜିତ ବୌଦ୍ଧ ସମ୍ପ୍ରଦାୟର ସର୍ବବୃହତ ସମାଗମ ମଧ୍ୟରୁ ଅନ୍ୟତମ ହେବ ବାଲି ଆଶା କରାଯାଉଛି । ଏହା ସହିତ ସଂଘର୍ଷ, ଧ୍ରୁବୀକରଣ ଏବଂ ସନ୍ଦେହର ରାଜନୀତି ଦ୍ୱାରା ଆକ୍ରାନ୍ତ ହେଉଥିବା ଏକ ବିଶ୍ୱରେ, ସେହି ମଣ୍ଡଳୀ ବିଶ୍ୱାସକୁ ଅତିକ୍ରମ କରୁଥିବା ଏକ ବାର୍ତ୍ତା ବହନ କରେ । ଅହିଂସା, କରୁଣା ଏବଂ ଆତ୍ମିକ ଜାଗରଣ ଉପରେ ବୁଦ୍ଧଙ୍କ ଶିକ୍ଷା କୌଣସି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ, ଗୋଷ୍ଠୀ କିମ୍ବା ଜାତିର ସମ୍ପତି ନୁହେଁ । ଏହା ଗେଲୁଗ୍, ଦ୍ରୁକପା, କାଗ୍ୟୁ, କିମ୍ବା ଲଦାଖରେ ବିକଶିତ ଅନ୍ୟ କୌଣସି ମହାନ ପରମ୍ପରା ହେଉ, ଧର୍ମର ସାର ଏଥିରେ ନିହିତ ରହିଛି : କରୁଣା, ପ୍ରଜ୍ଞା, ସମନ୍ୱୟର ମାର୍ଗ । ଏହି ପବିତ୍ର ବ୍ୟାଖ୍ୟା, ଯେତେବେଳେ ଏହି ଅଂଚଳ ଅନୁପମ ବସନ୍ତକୁ ସ୍ୱାଗତ କରେ ଏବଂ ସୁଉଚ୍ଚ ଗିରିପଥରୁ ତୁଷାର ତରଳିବା ଆରମ୍ଭ କରେ, ଆମକୁ ବିଭାଜିତ କରୁଥିବା ପ୍ରତ୍ୟେକ ସୀମା ପାର କରିବାକୁ ତାହା ଏକ ଆମନ୍ତ୍ରଣ : ସମ୍ପ୍ରଦାୟ, ଜାତୀୟତା, ଭୟଠାରୁ ଆମକୁ ଦୂରେଇ ରଖିବାର ପ୍ରୟାସ । "ଏହି ଅବଶେଷଗୁଡ଼ିକ ଆଧ୍ୟାତ୍ମିକତାରେ ବିଶ୍ୱାସୀ ଅନୁଗାମୀମାନଙ୍କୁ ଆଶୀର୍ବାଦ କରନ୍ତି । କିନ୍ତୁ ସେମାନେ ବିଶ୍ୱ ଉପରେ ଦୃଷ୍ଟି ରଖୁଥିବା ସମସ୍ତଙ୍କୁ ମଧ୍ୟ ସ୍ମରଣ କରାଇ ଦିଅନ୍ତି ଯେ ଶକ୍ତିର ଶାନ୍ତି ରୂପଗୁଡ଼ିକ ସର୍ବଦା ସବୁଠାରୁ ସ୍ଥାୟୀ ।" ଏହି ଜୀବନ୍ତ ଐତିହ୍ୟ ପ୍ରତି ଆମର ପ୍ରତିବଦ୍ଧତା ଭାରତ ସରକାର ଲଦାଖକୁ ବିଶ୍ୱରେ ବୌଦ୍ଧ ସଂସ୍କୃତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜୀବନ୍ତ କେନ୍ଦ୍ର ଭାବରେ ମାନ୍ୟତା ପ୍ରଦାନ କରେ । ଆମେ କେବଳ ନୀତିଗତ ଦଲିଲର ଭାଷାରେ ନୁହେଁ, ବରଂ ଠୋସ୍ କାର୍ଯ୍ୟରେ - ଏହାର ମଠଗୁଡ଼ିକର ସଂରକ୍ଷଣ, ବୌଦ୍ଧ ବିଦ୍ୱାନମାନଙ୍କ ପ୍ରୋତ୍ସାହନ ଏବଂ ଏହାର ଅନନ୍ୟ ସାଂସ୍କୃତିକ ପରମ୍ପରାର ସୁରକ୍ଷାକୁ ସମର୍ଥନ କରିବା ପାଇଁ ପ୍ରତିବଦ୍ଧ । ଏହି ପ୍ରଦର୍ଶନୀର ଏକ ଅଂଶ ଭାବରେ ବହୁ ସଂଖ୍ୟକ ଭିକ୍ଷୁଙ୍କୁ ନେଇ ଏକ ବଡ଼ ଧରଣର ବୌଦ୍ଧ ମନ୍ତ୍ରୋଚ୍ଚାରଣ ଉତ୍ସବର ଆୟୋଜନା କରାଯାଉଛି - ଆୟୋଜକମାନେ ଆଶା କରନ୍ତି ଯେ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବ, ଏହି ଭୂମି ଯେଉଁ ଭକ୍ତି ନିର୍ଦ୍ଦେଶ ଦେଉଛି ତାହାର ଏକ ଉପଯୁକ୍ତ ପ୍ରତୀକ ଭାବରେ ନିଜକୁ ପ୍ରମାଣିତ କରିବ । ଏହି ସମୃଦ୍ଧ ଐତିହ୍ୟକୁ ବିକଶିତ କରି ବିଶ୍ୱରେ ପହଂଚାଇବା ପାଇଁ କେନ୍ଦ୍ର ସରକାର ମଠ ପ୍ରତିଷ୍ଠାନ ଏବଂ ଲଦାଖର ଲୋକମାନଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବା ଜାରି ରଖିବେ । ଲଦାଖ ପର୍ଯ୍ୟଟନ ଏବଂ ପବିତ୍ର ପ୍ରଦର୍ଶନୀ ଉଭୟ ପାଇଁ ସମ୍ପ୍ରତି ଆରମ୍ଭ ହୋଇଥିବା ଡିଜିଟାଲ୍ ପୋର୍ଟାଲ୍ ସେହି ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ବୋଲି ବିବେଚନା କରାଯାଇପାରେ । ସଂସ୍କୃତି ମନ୍ତ୍ରଣାଳୟ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ, ଅନ୍ତର୍ଜାତୀୟ ବୌଦ୍ଧ ସଂଘ ଏବଂ ଲଦାଖର ସ୍ଥାନୀୟ ସଂଗଠନ - ଗାନ୍ଧା ଆସୋସିଏସନ୍, ବୌଦ୍ଧ ସଂଘ, ଲେଫ୍ଟନାଂଟ ରାଜ୍ୟପାଳ ବିନୟ କୁମାର ସକ୍ସେନାଙ୍କ ଅଧୀନରେ କେନ୍ଦ୍ର ଶାସିତ ପ୍ରଦେଶ ପ୍ରଶାସନ - ସମନ୍ୱୟ ରକ୍ଷାକରି ଏକନିଷ୍ଠ ଭାବରେ କାମ କରୁଛନ୍ତି ଯାହା କୀର୍ତ୍ତିମାନ ବହନ କରୁଥିବା ଶିକ୍ଷାକୁ ପ୍ରତିଫଳିତ କରେ । ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ଏହି ବୁଧବାର ଦିନ ଯେତେବେଳେ ତଥାଗତ ବୁଦ୍ଧଙ୍କ ପବିତ୍ର ଅସ୍ଥି ଅବଶେଷ ଲଦାଖରେ ପହଂଚୁଛି, ସେତେବେଳେ ଏକ ପ୍ରାଚୀନ ଭାବନା ଜାଗ୍ରତ ହେଉଛି । ଏହା ହେଉଛି ସେହି ସ୍ୱୀକୃତି ଯେ, ଏକ ସଭ୍ୟତାର ଜୀବନରେ କିଛି ଜିନିଷ ଯେକୌଣସି ସମୟର ରାଜନୈତିକ ଚକ୍ର ଅପେକ୍ଷା ଅଧିକ ଗୁରୁତ୍ୱ ରଖିଥାଏ । ବୁଦ୍ଧଙ୍କ କରୁଣାର ବାର୍ତ୍ତା ସେହିଭଳି ଏକ ଅମୂଲ୍ୟ ଜିନିଷ ଏବଂ ସେହି ବାର୍ତ୍ତା ପ୍ରତି ଲଦାଖର ନିଷ୍ଠା ଓ ସମର୍ପଣ ହେଉଛି ଅନ୍ୟ ଏକ ଅନନ୍ୟ ଉଦାହରଣ । ବୁଦ୍ଧଙ୍କ ଆଶୀର୍ବାଦ ଲଦାଖର ପ୍ରତ୍ୟେକ ଘରେ ଶାନ୍ତି, ସମସ୍ତ ସମ୍ପ୍ରଦାୟ ମଧ୍ୟରେ ସମନ୍ୱୟ ଏବଂ ସମସ୍ତ ପ୍ରାଣୀଙ୍କ ପାଇଁ ଆଧ୍ୟାତ୍ମିକ ଜାଗରଣ ଆଣି ଦେଉ ଏବଂ ଏହି ପବିତ୍ର ବ୍ୟାଖ୍ୟା ଆମ ପ୍ରତ୍ୟେକଙ୍କୁ ସ୍ମରଣ କରାଇଦେଉ - ଆସ୍ଥା ନିର୍ବିଶେଷରେ, ଆମେ ଯେଉଁଠାରେ ଛିଡ଼ା ହେଉଛୁ - ଯେ ଗଭୀରତମ ମାନବୀୟ ଆକାଂକ୍ଷା ସର୍ବଦା ସମାନ : ଦୁଃଖ ନ ଦେଇ ବଂଚିବା, ଜ୍ଞାନ ସହିତ କାର୍ଯ୍ୟ କରିବା ଏବଂ ଆମେ ଯେତିକି ପାଇଛୁ ତାହାଠାରୁ ସାମାନ୍ୟ ଅଧିକ ଶାନ୍ତିରେ ଏ ସଂସାରକୁ ଛାଡିବା । ବୁଦ୍ଧମ୍ ଶରଣମ୍ ଗଚ୍ଛାମି । ଧମ୍ମମ୍ ଶରଣମ୍ ଗଚ୍ଛାମି । ସଂଘମ୍ ଶରଣମ୍ ଗଚ୍ଛାମି ।



ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ

***(ଲେଖକ ଭାରତ ସରକାରଙ୍କ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ)***

# ମହିଳା ମହାବିଦ୍ୟାଳୟରେ ରାଜନୀତି ବିଭାଗର ପାଠଚକ୍ର

ନୀଳଗିରି(ନିପ୍ର) : ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଭାଗରେ ଏକ ଦିବସୀୟ ପାଠଚକ୍ର ଅନୁଷ୍ଠିତ ହୋଇ ଯାଉଛି । ନାରୀଶକ୍ତି ବନ୍ଧନ ଅଧିନିୟମ ଶୀର୍ଷକ ପାଠଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡା ପୌରୋହିତ୍ୟ କରିଥିବାବେଳେ ବଡ଼ସାହି ମହାବିଦ୍ୟାଳୟର ରାଜନୀତି ବିଭାଗର ପ୍ରାକ୍ତନ ପ୍ରମୁଖ ତଥା ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ଶୀର୍ଷକ ଉପରେ ବିଷୟ ବିଶେଷଜ୍ଞ ଭାବରେ ଯୋଗଦାନ କରିଥିଲେ । ଅନ୍ୟ ଅତିଥି ଭାବରେ ବରିଷ୍ଠ ଅଧ୍ୟାପିକା ମମତା ବରାଳ, ଡ. ଶିବାନୀ ଡଗର, ମଣିମାଳା ବିଶ୍ୱାଳ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଯୋଗଦାନ କରି ନାରୀଶକ୍ତି ବନ୍ଧନ ଅଧିନିୟମ ଉପରେ ନିଜନିଜ ମନ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିବା ବେଳେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ ବିଭାଗର ମୁଖ୍ୟ ପ୍ରଫେସର ସୌରଭ ପଟ୍ଟନାୟକ । ଛାତ୍ରୀ ଲିଜା ଶ୍ରୀ ସାହୁ ଓ ମଧୁସ୍ମିତା ବଳ ପ୍ରବନ୍ଧ ପାଠ କରିଥିବା ବେଳେ ଶେଷରେ ବିଭାଗର ଅଧ୍ୟାପିକା ଭାଗ୍ୟବତୀ ସ ଧନ୍ୟବାଦ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବିଭାଗର ଅଧ୍ୟାପିକା ମୌସୁମୀ ଭୋଳ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗରେ ସମସ୍ତ ଛାତ୍ରୀଙ୍କ ସମେତ ଅନ୍ୟ ବିଭାଗର ଛାତ୍ରୀମଧ ଯୋଗଦାନ କରିଥିଲେ ।

# ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ



ବାଲିଆପାଳ(ନିପ୍ର) : ବିଜେପି ଉତର ବାଲେଶ୍ୱର ପକ୍ଷରୁ ଗୁରୁବାର ଅପରାହ୍ନରେ ବାଲିଆପାଳ ନେତାଜୀ ଷ୍ଟାଡିୟମ ପରିସରରେ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ହଜାର ହଜାର ମହିଳା ଯୋଗଦେଇ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରୁ ପଦଯାତ୍ରାରେ ବାହାରି ଜାମକୁଣ୍ଡା ଛକ ପାରୁଳିଆ ଛକ, ବ୍ଲକ ଛକ ଦେଇ ସଭା ସ୍ଥଳରେ ପହଂଚି ଥିଲେ । ଏହି ମହିଳା ଜନ ଆକ୍ରୋଶ ସମାବେଶର ଉତର ବାଲେଶ୍ୱର ଜିଲ୍ଲା ସଂଯୋଜିକା ସୁମତି ରାଣୀ ଦେ ଙ୍କ ଅଧକ୍ଷତରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟା ମମତା ମହାପାତ୍ର, ଭାଜପା ଉତର ବାଲେଶ୍ୱର ସଭାପତି ପ୍ରଦୀପ ପଣ୍ଡା, ବସ୍ତା ନିର୍ବାଚନ ମଣ୍ଡଳୀୟ ବିଜେପି ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ଭୋଗରାଇ ନିର୍ବାଚନ ମଣ୍ଡଳୀୟ ନେତା ଆଶିଷ କୁମାର ପାତ୍ର, ଜଳେଶ୍ୱର ନିର୍ବାଚନ ମଣ୍ଡଳୀୟ ବିଜେପି ନେତା ବ୍ରଜ ମୋହନ ପ୍ରଧାନ, ଅନୀମା ପାଣିଗ୍ରହୀ, ସଂଯୁକ୍ତା ମଣ୍ଡଳ, ହରିପ୍ରୀୟ ପାତ୍ରଙ୍କ ସହିତ ବହୁ ନେତା ଓ ନେତ୍ରୀ ମାନେ ଯୋଗ ଦେଇ ମହିଳା ବିଲ ପାରିତ ନହେବା ବିରୋଧରେ କଂଗ୍ରେସର ଓ ଏନ ଡି ମେଂଟ ବିରୋଧର ବର୍ଷି ଥିଲେ ।

# ଇଟାମାଟି ପଂଚାୟତ ପି.ଇ.ଓଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



ନୟାଗଡ଼(ନିପ୍ର) : ନୟାଗଡ ବ୍ଲକ ଅନ୍ତର୍ଗତ ଇଟାମାଟି ଗ୍ରାମ ପଂଚାୟତର ପି.ଇ.ଓ ପ୍ୱିତ୍ର କୁମାର ମଲ୍ଲ ଗୁରବାର ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରର ନୟାଗଡ ବ୍ଲକ ପରିସରରେ ଏକ ଭାବ ଗମ୍ଭୀର ପରିବେଶର ପି.ଇ.ଓ ଶ୍ରୀଯୁକ୍ତ ମଲ୍ଲଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଆବେଗ ଭରା ସଭାରେ ବିଡ଼ିଓ ଐଶୂର୍ଯ୍ୟା ଭୂୟାଁ ଯୋଗ ଦେଇ ପିଇଓ ପ୍ୱିତ୍ର କୁମାର ମଲ୍ଲଙ୍କ ଚାକିରୀ ଜୀବନର ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ସମୟାନୁବର୍ତ୍ତିତା, କର୍ତ୍ତ୍ୟ ପରାୟଣତା, ସାଧୁତା, ସ୍ୱଷ୍ଟ ବାଦିତା ଗୁଣ ଅନ୍ୟ ମାନଙ୍କର ଧେୟ ହେଉ ବୋଲି ପ୍ରକାଶ କରିଥିଲେ । ସେହିପରି ବ୍ଲକ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ ପ୍ୱିତ୍ର ବାବୁଙ୍କ ଅବସରଜୀବନ ଶାନ୍ତିମୟ ହେଉ ବୋଲି ପ୍ରକାଶ କରିଥିଲେ । ୩୪ ବର୍ଷର ଚାକିରି ଜୀବନରେ ପି.ଇ.ଓ ଶ୍ରୀଯୁକ୍ତ ମଲ୍ଲ ନିଜର ମିଶାଣିଆ ଗୁଣ ଯୋଗୁଁ ସମସ୍ତଙ୍କର ପ୍ରିୟ ଭାଜନ ହୋଇ ପାରିଥିଲେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ଏହି ଅବସର କାଳୀନ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକର ଏବିଡ଼ିଓ, ଡବ୍ଲ୍ୟୁ.ଏ.ଇ., ଆକାଉଂଟସ ଅଫିସର, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଉପାଧ୍ୟକ୍ଷ, ବହୁ ସରପଂଚ, ସମିତିସଭ୍ୟଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଏହି ଅବସରକାଳୀନ ସଭାରେ ଉପସ୍ଥିତି ଥିଲେ । ତେବେ ୧୯୯୨ ରୁ ଭାଟସାହି ପଂଚାୟତରୁ ଚାକିରୀ ଜୀବନ ଆରମ୍ଭ କରିଥିବା ଶ୍ରୀଯୁକ୍ତ ମଲ୍ଲଙ୍କର୍ ଇଟାମାଟି ପଂଚାୟତରେ ଚାକିରୀ ଶେଷ ହୋଇଥିଲା ।

# ଅନୁଷ୍ଠିତ ହେଲା ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ଝାରସୁଗୁଡ଼ା(ନିପ୍ର) : ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଉଗର କନଫରେନ୍ସ ହଲ୍‌ଠାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସହରର ଟ୍ରାଫିକ୍ ବ୍ୟବସ୍ଥା, ଦୁର୍ଘଟଣା ରୋକିବା ଏବଂ ପରିବେଶ ସୁରକ୍ଷାକୁ ନେଇ ଏଥିରେ କେତେକ ଦୃଢ଼ ନିଷ୍ପତି ନିଆ ଯାଇଛି । ବୈଠକର ମୁଖ୍ୟ ନିଷ୍ପତିସମୂହ : ବେଆଇନ ପାର୍କିଂ ଉପରେ କଟକଣା : ରାସ୍ତାକଡ଼ରେ ଅନିୟମିତ ଭାବେ ଗାଡ଼ି ପାର୍କିଂ କରୁଥିବା ବ୍ୟକ୍ତି ଓ ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଆର.ଟି.ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଧୂଳି ପ୍ରଦୂଷଣରୁ ମିଳିବ ମୁକ୍ତି : ଶିଳ୍ପାଂଚଳ ଗୁଡ଼ିକରେ ଧୂଳି ପ୍ରଦୂଷଣ ରୋକିବା ପାଇଁ ସମସ୍ତ ଶିଳ୍ପ ପ୍ରତିଷ୍ଠାନକୁ ନିଜ ନିଜ ଅଂଚଳର ସଡ଼କ ପାର୍ଶ୍ୱ ସଫା ରଖିବାକୁ କୁହାଯାଇଛି । ଦୁର୍ଘଟଣା ରୋକିବାକୁ ନୂଆ ପଦକ୍ଷେପ : ଆର.ଟି.ଓ ଅଫିସ୍‌ରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (କଂଟାପାଲି) ଏବଂ ପ୍ରସନ୍ନ ପଣ୍ଡା ଚୌକ ପର୍ଯ୍ୟନ୍ତ 'ରମ୍ବଲ ଷ୍ଟ୍ରିପ୍' (Hard plastic speed breakers) ଲଗାଇବାକୁ ନିଷ୍ପତି ହୋଇଛି । ଆସନ୍ତା ୧୦ ଦିନ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବ୍ରେକଡାଉନ୍ ଗାଡ଼ି ପାଇଁ ହାଇଡ୍ରା ସେବା : ରାସ୍ତାରେ ଖରାପ ହୋଇ ପଡ଼ି ରହୁଥିବା ଗାଡ଼ିଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ଟଗଚଖ କର୍ତ୍ତୃପକ୍ଷ ଜଣେ ଦାୟିତ୍ୱସମ୍ପନ୍ନ ବ୍ୟକ୍ତିଙ୍କ ନମ୍ବରଙ୍କୁ ପ୍ରଦାନ କରିବେ, ଯାହାଦ୍ୱାରା ତୁରନ୍ତ ହାଇଡ୍ରା (କ୍ରେନ୍) ସେବା ଯୋଗାଇ ଦିଆଯାଇପାରିବ । ଗ୍ରୀଷ୍ମ ପ୍ରବାହ ପାଇଁ ସତର୍କତା : ଜିଲ୍ଲାର ବଡ଼ ବଡ଼ କମ୍ପାନୀ ଯଥା ବେଦାନ୍ତ, ଗଉଖ ଏବଂ ଟଚଏଉ କୁ ନିଜ ପରିସର ମଧ୍ୟରେ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ 'କୁଲିଂ ସେଡ୍' (Cooling Shed) ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାର ଯାଂଚ ପାଇଁ ଜଞ୍ଜଙ୍ଗ କର୍ମଚାରୀମାନେ ପ୍ଲାଂଟ ପରିଦର୍ଶନ କରିବେ ।







## ପ୍ରବୀଣ ଅଧ୍ୟାପକଙ୍କ ବିୟୋଗରେ ଶ୍ରଦ୍ଧାଂଜଳି ସଭା

ବଡ଼ଚଣା (ନି.ପ୍ର.) ଦିବଂଗତ ପ୍ରଫେସର ପ୍ରମୋଦ କୁମାର ସାମଲଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଂଜଳି ସଭା ତାଙ୍କ ଗ୍ରାମ ଜଗନ୍ନାଥପୁର (ବିଦ୍ୟାଧରପୁର) ଠାରେ ଅନୁଷ୍ଠିତ ହୋଇଯାଇଛି । ସେବାନିବୃତ ପ୍ରାଧ୍ୟାପକ ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମଂଚସ୍ଥ ଅତିଥିମାନେ ପ୍ରକାଶିତ 'ଅଭୁଲାସ୍ମୃତି' ସ୍ମରଣିକାକୁ ଏତଦୁପଲକ୍ଷେ ଉନ୍ମୋଚନ କରିଥିଲେ । ସ୍ୱର୍ଗତ ଆତ୍ମାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିବାକୁ ବିଭିନ୍ନ ବର୍ଗର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଶ୍ରୀ ସ୍ୱାଧୀନକେତନ ନାୟକ, ଗାୟକ ସୌରଭ ରଜନୀକାନ୍ତ ପୃଷ୍ଟି, ନାରୀନେତ୍ରୀ ଦେବଯାନୀ ପ୍ରଧାନ, ଡଃ ଅଜୟ ଲେଙ୍କା, ନିତ୍ୟାନନ୍ଦ ମହାନ୍ତି, ପ୍ରଫେସର ଅଶ୍ୱିନୀ କୁମାର ସାମଲ, ପ୍ରଦୀପ କୁମାର ବରାଳ, ଗଙ୍ଗାଧର ନାୟକ, ପ୍ରଫୁଲ୍ଲ କୁମାର ଦାସ, ମୁନୀ ଧୃବଚରଣ ପ୍ରଧାନ, ଆଦି ଶତାଧିକ ବ୍ୟକ୍ତି ୰ ସାମଲଙ୍କ ଗୁଣାବଳୀ କୀର୍ତନ କରି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ । ସଭାର ପ୍ରାରମ୍ଭରେ ୰ ସାମଲଙ୍କ



ପ୍ରତିକୃତିକୁ ସମ୍ମାନ ପ୍ରଦର୍ଶନ ପରେ ତାଙ୍କ ପୁତ୍ର ନିହାର ରଂଜନ ଓ ପାର୍ଥ ସାରଥୀ କନ୍ୟା ପ୍ରିୟମ୍ବଦା ଓ ପୂର୍ଣ୍ଣିମା ସମବେତ ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରି ନିଜର ଭବପୂର୍ଣ୍ଣ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ସାମଲ ଜଣେ ପ୍ରବୀଣ ଅଧ୍ୟାପକ, ବାଗ୍ମୀ ତଥା ଲବ୍ଧ ପ୍ରତିଷ୍ଠିତ ପ୍ରାବନ୍ଧିକ ଭାବେ ୧୧ଗୋଟି ପ୍ରବନ୍ଧ ପୁସ୍ତକ ଓ ଦୁଇଟି କମିତା ପୁସ୍ତକ ରଚନା କରି ଭାଷା ସାହିତ୍ୟ ଉନ୍ନତିରେ ନିଜର ଅବଦାନ ରଖିଛନ୍ତି । ତାଙ୍କ ଅବସର ପରେ ସେ ବିଭିନ୍ନ ସାମାଜିକ, ସାଂସ୍କୃତିକ ତଥା ସେବା ଅନୁଷ୍ଠାନ ସହିତ ସ୍ୱକୀୟ ସଂପୃକ୍ତି ମରଣାବଧି ଜାରି ରଖିଥିଲେ । ଗତ ୧୮ ତାରିଖରେ ତାଙ୍କର ହୃଦଘାତରେ ୮୩ବର୍ଷ ବୟସରେ ଇହଲୀଳା ହୋଇଥିଲା । ସାହିତ୍ୟ ଓ ସମାଜରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଥିବା ବକ୍ତାମାନେ ଶ୍ରଦ୍ଧାଅର୍ପଣ ଅବସରରେ ବ୍ୟକ୍ତ କରିଥିଲେ । ସଭାଶେଷରେ ତାଙ୍କର ଅନୁଜ ଭାଇ ଅଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ



ଝାରସୁଗୁଡ଼ା(ନି.ପ୍ର.) ଦିନ ସୁଭଦ୍ରା ଶକ୍ତି ମେଳା ର ତୃତୀୟ ଦିନର ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମ ଆରମ୍ଭ ରେ ମୁଖ୍ୟ ଉନ୍ନୟନ ତଥକ୍ଷ ନିର୍ବାହୀ ଅଧିକାରୀ, ଜ଼ିଲ୍ଲା ପରିଷଦ ବିଶ୍ୱ ରଞ୍ଜନ ନାୟକ,ଅତିରିକ୍ତ ନିର୍ବାହୀ ଅଧିକାରୀ, ଜ଼ିଲ୍ଲା ପରିଷଦ ସୂର୍ଯ୍ୟଂକ୍ଷଶୁ ରତ, ଉପ ଜ଼ିଲ୍ଲାପାଳ ସବ୍ୟସାଚୀ ପଣ୍ଡା , ଜ଼ିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ସହକାରୀ ନିର୍ଦ୍ଦେଶକ, ହସ୍ତଶିଳ୍ପ ମୋନାଲିସା ପଟେଲ,ଡି. ପି. ଏମ. ଓ.ଏଲଏମ ଡ଼.ପୁଷ୍ପଶ୍ରୀ ନାୟକ, ସୁରକ୍ଷା ଅଧିକାରୀ ମିନାକ୍ଷୀ ରାଜ ଏବଂ ସୁଭଦ୍ରା ମାଆ ମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମ ର ଶୁଭକ୍ଷରମ୍ଭ କରିଥିଲେ କ୍ଷ ଆଜିର ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସଂକ୍ଷସ୍କୃତିକ କାର୍ଯ୍ୟକ୍ରମ ରେ ସିଲଟା ଡ୍ୟାନ୍ସ ଏକାଡେମୀ ଓଡିଶୀ ଡ୍ୟାନ୍ସ, ପ୍ରିନ୍ସ କିଙ୍ଗଡମ ସମ୍ବଲପୁରୀ ଫୋକ ନୃତ୍ୟ,ବେଦାନ୍ତ ଟାଉନସିପ ଶିବ ତାଣ୍ଡବ,ରାଇଜ ଅଫ ଡ୍ୟାନ୍ସ ଏକାଡେମୀ ସମ୍ବଲପୁରୀ ଫୋକ ଏବଂ ଓଲିଉଡ଼ ଡ୍ୟାନ୍ସ,ରୁକୁ ସୁନା ସମ୍ବଲପୁରୀ ମେଲୋଡି ପରିବେଷଣ କରାଯାଇଥିଲା କ୍ଷ ଏହି ସମସ୍ତ କାର୍ଯ୍ୟକ୍ରମ କୁ ଉଦଘୋଷକ ରୁପେଶ ସାହୁ, ଉଦଘୋଷିକା ସ୍ୱେଜଲ ପ୍ରଧାନ ଏବଂ ପ୍ରତୀକ୍ଷା ତ୍ରିପାଠୀ ପରିଚାଳନା କରିଥିଲେ କ୍ଷ ଝାରସୁଗୁଡା ଜ଼ିଲ୍ଲାପାଳ କୁଣକ୍ଷଲ ମୋତିରାମ ଚଓ୍ୱାଣ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଏବଂ ଆୟୋଜକ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜ଼ିଲ୍ଲା ପରିଷଦ ବିଶ୍ୱ ରଞ୍ଜନ ନାୟକ ଙ୍କ ଆବାହକତ୍ୱ ରେ ସୁଭଦ୍ରା ଶକ୍ତି ମେଳା ର ତୃତୀୟ ଦିନର ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ଅନୁଷ୍ଠିତ ହୋଇଯାଇଛି ।

## ଝାରସୁଗୁଡା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଝାରସୁଗୁଡ଼ା(ନି.ପ୍ର.)ଅପରାହ୍ନ ରେ ଜ଼ିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ଡି ଏମ ଅଫ ଅଡିଟରିଅମ ହଲ ଠାରେ ଜ଼ିଲ୍ଲାପାଳ ଶ୍ରୀ କୁଣକ୍ଷଲ ମୋତିରାମ ଚଓ୍ୱକ୍ଷଣ ଙ୍କ ଅଧକ୍ଷତା ରେ ଅତିରିକ୍ତ ଜ଼ିଲ୍ଲାପାଳ(ରାଜସ୍ୱ ) କିଶୋର ଚନ୍ଦ୍ର ସ୍ୱାଇଁ ଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡେପୁଟି କଲେକ୍ଟର ରାଜସ୍ୱ ବିଶ୍ୱ କେସନ ପାଣ୍ଡେ,ଭୂ ଅର୍ଜନ ଅଧିକାରୀ ବିନୟ ପଟେଲ, ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ସୌମେସ ଆଚାର୍ଯ୍ୟ, ଡେପୁଟି କଲେକ୍ଟର ଜୟଶ୍ରୀ ଦେହୁରୀଆ,ତହସିଲଦାର ଶ୍ରଦ୍ଧାକର କୁମ୍ଭାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଝାରସୁଗୁଡା ଅନିଲ ଆଚାର୍ଯ୍ୟ, ନିର୍ବାହୀ ଅଧିକାରୀ ,ବ୍ରଜରାଜନଗର ଚନ୍ଦ୍ର ମଣି ସ୍ୱାଇଁ ସହକାରୀ ଜ଼ିଲ୍ଲାପାଳ ମୃତ୍ୟୁଞ୍ଜୟ ଶବର ଶ୍ରୀଯୁକ୍ତ ସ୍ୱାଇଁ ଙ୍କୁ ଏକ ଦକ୍ଷ ପ୍ରଶାସକ, ସୁ ଶାସକ ବୋଲି ସମ୍ବୋଧନ କରିବକ୍ଷ ସହ ଏକାଧାରା ରେ ସେ ଜଣେ କବି, ଲେଖକ, ଶିକ୍ଷକ, ବୋଲି ସମ୍ବୋଧନ କରି ତାଙ୍କର ଅବସରକାଳୀନ ସମୟ ସୁଖମୟ, ଶାନ୍ତିମୟ ଏବଂ ମଙ୍ଗଳମୟ ହେଉ ଏବଂ ପରିବାର ସହ ସମୟ ଅତିବାହିତ କରନ୍ତୁ ବୋଲି କାମନା କରିଥିଲେ କ୍ଷ ଏହା ସହ ରୋଷେଇ ପ୍ରତି ରୁଚି, ଖେଳ ପ୍ରତି



ଅକ୍ଷଗ୍ରହ ଏବଂ ରେଭିନ୍ୟୁ ବିଷୟରେ ସାର ଙ୍କ ଅଗାଧ ଜ୍ଞାନ ଥିବାରୁ ସେ ସମସ୍ତ ଙ୍କ ର ଅତି ପ୍ରିୟ ଥିଲେ ବୋଲି ମଧ ମତବ୍ୟକ୍ତ କରିଥିଲେ କ୍ଷଡେପୁଟି କଲେକ୍ଟର (ସଂସ୍ଥାପନକ୍ଷ) ଲୋପାମୁଦ୍ରା ସାମଲ ଏକ ସ୍ୱ ରଚିତ କବିତା ପାଠ କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧରେ ବରିଷ୍ଠ ରାଜସ୍ୱ ସହାୟକ ପଲଟୁ କୁମାର ନାୟକ, ସୁଦର୍ଶନ କାଲୋ ଏବଂ ଅମୀୟ କୁମାର ସରକ୍ଷଫ ଏବଂ ରାଜସ୍ୱ ନିରୀକ୍ଷକ ବିଦେଶିନୀ ମାଳି ଶ୍ରୀଯୁକ୍ତ ସ୍ୱାଇଁ କର୍ମଚାରୀ ମାନଙ୍କୁ ଉଚିତ ମାର୍ଗ ଦର୍ଶନ କରିଛନ୍ତି, ଏବଂ ସେଥିପାଇଁ ସେ ସବୁଦିନ ପାଇଁ ମନେରହିବେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଜ଼ିଲ୍ଲାପାଳ ଶ୍ରୀ ଚଓ୍ୱକ୍ଷଣ ବିଦାୟୀ ଅତିରିକ୍ତ ଜ଼ିଲ୍ଲାପାଳ(ରାଜସ୍ୱ ) କିଶୋର ଚନ୍ଦ୍ର ସ୍ୱାଇଁ ରାଜସ୍ୱ ବିଭାଗ ର ସମସ୍ତ ଗୁରୁ ଦାୟିତ୍ୱ ତୁଲାଇ ଥିବାରୁ ଶ୍ରୀ ସ୍ୱାଇଁ ଙ୍କ ନିକଟରେ କୃତଜ୍ଞତା ଜ୍ଞକ୍ଷପନ କରିବା ସହ ପୁଷ୍ପଗୁଚ୍ଛ, ଉତରୀୟ, ମାଆ ସମଲେଇ ଙ୍କ ତୈଳ ଚିତ୍ର, ଏକ ଚାରା ଗଛ ସହ ପ୍ରୋଭିଜିନାଲ ପେନସନ ପ୍ରଦାନ କରିଥିଲେ କ୍ଷ ଏହି ସମ୍ବର୍ଦ୍ଧନା ସଭା ରେ ଅତିରିକ୍ତ ଜ଼ିଲ୍ଲାପାଳ (ସାଧାରଣ ) ବ୍ରଜବନ୍ଧୁ ଭୋଇ, ପ୍ରକଳ୍ପ ନିର୍ଦ୍ଦେଶକ, (ପୁନର୍ବାସ ଓ ଥଇଥାନ ଲଳିତ ସୋରନ, ଉପ ଜ଼ିଲ୍ଲାପାଳ ସବ୍ୟସାଚୀ ପଣ୍ଡା ମଂଚାସୀନ ଥିଲେ କ୍ଷ ସମସ୍ତେ ଶ୍ରୀ ସ୍ୱାଇଁ ଙ୍କ ସହ କାଟିଥିବା ମୁହୂର୍ତ କୁ ବ୍ୟାଖ୍ୟା କରିବା ସହ ଅବସରକାଳୀନ ସମୟ ଭଲ ରେ କଟୁ ବୋଲି ଈଶ୍ୱର ଙ୍କ ଠାରେ କାମନା କରିଥିଲେ କ୍ଷଏହି କାର୍ଯ୍ୟକ୍ରମ କୁ ଡେପୁଟି କଲେକ୍ଟର ଅମ୍ରିତ ଆଚାର୍ଯ୍ୟ ପରିଚାଳନା କରିଥିଲେ ଏବଂ ସମ୍ବର୍ଦ୍ଧନା ସଭା ଶେଷରେ ଜ଼ିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଏହି ସଭାରେ ବିଭିନ୍ନ ବିଭାଗ ର ଜ଼ିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନିର୍ବାହୀ ଅଧିକାରୀ, ତହସିଲଦାର,ସମସ୍ତ ଡେପୁଟି କଲେକ୍ଟର, ସହକାରୀ ଜ଼ିଲ୍ଲାପାଳ, ବରିଷ୍ଠ ଏବଂ କନିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ସହାୟକ ଙ୍କ ସହ ଅନ୍ୟାନ୍ୟ ପଦାଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାରିପଦା(ନି.ପ୍ର.): ସାମ୍ବାଦିକମାନଙ୍କ ମୌଳିକ ସମସ୍ୟା ଓ ସୁରକ୍ଷାକୁ ନେଇ ଆଜି ସାରା ରାଜ୍ୟରେ ଆନ୍ଦୋଳନର ସ୍ୱର ଶାଣିତ ହୋଇଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାରେ ମଧ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି । ରାଜ୍ୟର ସର୍ବପୁରାତନ ସାମ୍ବାଦିକ ୟୁନିୟନ "ଉତ୍କଳ ସାମ୍ବାଦିକ ସଂଘ" ମୟୂରଭଞ୍ଜ ଶାଖା ପକ୍ଷରୁ ଜିଲ୍ଲା ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱ ରେ ବୁଧୁବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ଶୋଭା ସହ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକମାନଙ୍କର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସାମ୍ବାଦିକମାନେ ସମାଜର ଚତୁର୍ଥ ସ୍ତମ୍ଭ ଭାବେ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କ ସୁରକ୍ଷା ଓ ସାମାଜିକ ନିରାପତା ଏବେ ବି ପ୍ରଶ୍ନଘେରରେ ।



ଏହି ପରିପ୍ରେକ୍ଷୀରେ ଉତ୍କଳ ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ୬ ଦଫା ଦାବି ଉପସ୍ଥାପନା କରାଯାଇଥିଲା । ଦାବି ଗୁଡିକ ହେଲା ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ଯୋଗ୍ୟ ସାମ୍ବାଦିକମାନଙ୍କୁ ବ୍ୟାପକ ଭାବେ ମାନ୍ୟତା ପ୍ରଦାନ । କ୍ରମାଗତ ଭାବେ ସାମ୍ବାଦିକମାନଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ । ୬୦ ବର୍ଷରୁ ଅଧିକ ବୟସ୍କ ସାମ୍ବାଦିକମାନଙ୍କ ପାଇଁ ମାସିକ ଅନ୍ୟୁନ ପନ୍ଦର ହଜାର ଟଙ୍କାର ପେନସନ ବ୍ୟବସ୍ଥା । ଓଡ଼ିଶା ପ୍ରେସ୍ ଏକାଡ଼େମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ରହଣି ସୁବିଧା । ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ମାତା-ପିତା ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ ସହିତ ଅନୁକମ୍ପା ମୂଳକ ରାଶି ୧୦ ଲକ୍ଷକୁ ବୃଦ୍ଧି କରିବା । ସାମ୍ବାଦିକମାନେ ନିଜ ଜୀବନକୁ ପାଣି ଛଡ଼ାଇ ଖବର ସଂଗ୍ରହ କରୁଛନ୍ତି, କିନ୍ତୁ ସରକାର ସେମାନଙ୍କ ସୁରକ୍ଷା ଓ ଭବିଷ୍ୟତ ପ୍ରତି ଉଦାସୀନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବୋଲି ପ୍ରକାଶ କରିଛନ୍ତି ମୟୂରଭଞ୍ଜ ର ବରିଷ୍ଠ ସାମ୍ବାଦିକ ଗଣ । ଏହି ପ୍ରତିବାଦ ସଭାରେ ଜିଲ୍ଲାର ଶତାଧିକ ସାମ୍ବାଦିକ ସାମିଲ ହୋଇ ନିଜର ଏକତା ପ୍ରଦର୍ଶନ କରିଛନ୍ତି । ଯଦି ଆଗାମୀ ଦିନରେ ଏହି ନ୍ୟାର୍ଯ୍ୟ ଦାବିଗୁଡ଼ିକ ପୂରଣ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୋଣ ଅନୁକୋଣରୁ ଶତାଧିକ ସାମ୍ବାଦିକ ସାମିଲ ହୋଇଥିଲେ ।

## ବାର୍ଷିକୋତ୍ସବ ଓ କଳାକାର ମହାସମାବେଶ ନେଇ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର, (ନି.ପ୍ର.) କଳା ଓ କଳାକାର ହିତୈଷୀ ମହାମଂଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ'ର ଅଷ୍ଟମ ବାର୍ଷିକୋତ୍ସବ ପାଳନ ଅବସରରେ ଏକ କଳାକାର ମହାସମାବେଶର ଆୟୋଜନ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ସ୍ଥାନୀୟ ସୁବାରାଓ ଛକ ସ୍ଥିତ ଶ୍ରୀ ଜଗନ୍ନାଥ ଚିତ୍ରାଳୟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ସର୍ବଶ୍ରୀ ମୃତ୍ୟୁଞ୍ଜୟ ତ୍ରିପାଠୀ, ଅଭିରାମ ରାଉଳ, କଳାପ୍ରାଣ କୈଳାସ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ସାହୁ, ସୁଦାମ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଗାମୀ ଜୁଲାଇ ତିନି ତାରିଖରେ ସଂଘର ଅଷ୍ଟମ ବାର୍ଷିକୋତ୍ସବ ପରିପ୍ରେକ୍ଷିରେ ଅନ୍ୟୁନ ପାଂଚ ହଜାର କଳାକାରଙ୍କୁ ନେଇ ଏକ କଳାକାର ମହାସମାବେଶ ଆୟୋଜନ କରାଯିବା ନେଇ ସ୍ଥିର କରାଗଲା । ବର୍ଣାଢ୍ୟ କଳାକାର ଶୋଭାଯାତ୍ରା, ବିଭିନ୍ନ ଲୋକକଳା ପ୍ରଦର୍ଶନ, ପ୍ରତିଭାଧର କଳାକାରଙ୍କୁ ସମ୍ବର୍ଦ୍ଧନା ଇତ୍ୟାଦି ବହୁବିଧ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ କାର୍ଯ୍ୟକାରୀ ସଭାପତି ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ଅନ୍ୟାନ୍ୟ କାର୍ଯ୍ୟକାରୀ ସଦସ୍ୟମାନେ ସହଯୋଗ କରିଥିଲେ । ପରିଶେଷରେ ବରିଷ୍ଠ ସଦସ୍ୟା ଗୀତା ସ୍ୱାଇଁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ଦ୍ୱାରା ସ୍ୱତନ୍ତ୍ର ପାଠଚକ୍ର

ବ୍ରହ୍ମପୁର (ନି.ପ୍ର.): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ର ପଦାର୍ଥ ବିଜ୍ଞାନ ବିଭାଗ ଦ୍ୱାରା ଏକ ସ୍ୱତନ୍ତ୍ର ପାଠଚକ୍ର ତଥା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଅସୀମା ସାହୁ ଙ୍କ ପ୍ରେରଣା ଓ ପୃଷ୍ଠପୋଷକତା ରେ ଆୟୋଜିତ ଏହି ପାଠଚକ୍ର ର ମୁଖ୍ୟ ବିଷୟ ବସ୍ତୁ ଥିଲା 'ଏଆଇ ସକ୍ଷମ ସ୍ମାର୍ଟ ଗ୍ରୀଡ୍ ପଦକ୍ଷେପ ବ୍ୟବହାର କରି ନବୀକରଣୀୟ ଶକ୍ତି ସମନ୍ୱୟକୁ ସଶକ୍ତ କରିବା' । ଏହି ପାଠଚକ୍ର ରେ ଏମ୍.ଏନ୍.ଆଇ.ଟି ଜୟପୁର ତଥା ଆଇ.ଆଇ.ଟି କୋଟା ର ନିର୍ଦ୍ଦେଶକ ଆଇ.ଆଇ.ଟି ରୁର୍କି ର ପ୍ରାକ୍ତନ ଡିନ୍ ତଥା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଜଣେ ସୁନାମଧନ୍ୟ ଇଲେକ୍ଟ୍ରିକାଲ ଇଞ୍ଜିନିୟର ପ୍ରଫେସର ନାରାୟଣ ପ୍ରସାଦ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନବୀକରଣ ଯୋଗ୍ୟ ସମ୍ବଳକୁ କିଭଳି ଭାବେ ସୁଚାରୁ ରୂପେ ବ୍ୟବହାର କରାଯାଇ ପାରିବ , ବର୍ତମାନ ସମାଜରେ ଶକ୍ତି ର ଆବଶ୍ୟକତା ଓ ଉପାଦେୟତା , ସୌର ଶକ୍ତି ର ବ୍ୟବହାର , ଇତ୍ୟାଦି କ୍ଷେତ୍ର ରେ କିଭଳି ଭାବେ ଉନ୍ନତି କରାଯାଇପାରିବ , ତଥା ଉତ୍ପାଦିତ ଶକ୍ତି କୁ କିଭଳି ଭାବେ ସଂରକ୍ଷିତ କରାଯାଇ ପାରିବ , ଏହି ବିଷୟରେ ବିସ୍ତୃତ






ଆଲୋଚନା କରିଥିଲେ । ଏହି ପାଠଚକ୍ର ରେ ବିଭିନ୍ନ ବିଭାଗର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇ , ପ୍ରଫେସର ପାଢ଼ୀ ଙ୍କ ସହ ବିସ୍ତୃତ ଆଲୋଚନା କରିବା ସହ ଉପୋରକ୍ତ ବିକାଶ ଦିଗରେ ନିଜ ନିଜ ଆଭିମୁଖ୍ୟ ପ୍ରକାଶ କରିଥିଲେ । ପଦାର୍ଥ ବିଜ୍ଞାନ ବିଭାଗ ର ବିଭାଗ ମୁଖ୍ୟ ଡଃ ପ୍ରଣତୀ କୁମାରୀ ରଥ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ସଂଯୋଜନା ରେ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ପଦାର୍ଥ ବିଜ୍ଞାନର ଡଃ ସମ୍ବିତ୍ ରଞ୍ଜନ ମିଶ୍ର , ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ , ଡଃ ପ୍ରବୀଣ କୁମାର ନନ୍ଦ , ଡଃ ନୀଳିମା ପ୍ରିୟଦର୍ଶିନୀ ସ୍ୱାଇଁ , ଡଃ ଜୟଶ୍ରୀ ସ୍ୱାଇଁ , କମ୍ପ୍ୟୁଟର ସାଇନ୍ସ ବିଭାଗର ଆଶୁତୋଷ ପଣ୍ଡା , ଆଶା ସାହୁ , ପ୍ରାଣୀବିଜ୍ଞାନ ବିଭାଗର ଡଃ ସୁଶୀଲ କୁମାର ରାଠୋର୍ , ବାଣିଜ୍ୟ ବିଭାଗର ଡଃ ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷ ରେ ଡଃ ସମ୍ବିତ୍ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ

ଜଳେଶ୍ୱର(ନି.ପ୍ର)ଜଳେଶ୍ୱର ବ୍ଲକ ଅନ୍ତର୍ଗତ କଳମା ପଂଚାୟତର ଥିବା ପ୍ରସାଦଶୋଳ ଗାଁର ଜଳନ୍ଧର ଉଚ୍ଚ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ ଦୀର୍ଘ ୩୯ ବର୍ଷ ଶିକ୍ଷକତା କରି ଗୁରୁବାର ଅବସର ନେଇଯାଇଛନ୍ତି ।ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଶ୍ରୀମତୀ ମଞ୍ଜୁଷା ମହାନ୍ତଙ୍କ ଅଧ୍ୟକତାରେ ଏକ ବିଦାୟକାଳୀନ ସମାରୋହ ପାଳିତ ହୋଇ ଥିଲା ।ସଭାର ସଭାପତିତ୍ୱ ଶ୍ରୀମତୀ ମହାନ୍ତ କରିଥିବା ବେଳେ ମୂଖ୍ୟ ଅତିଥି ଭାବେ ଅବସର ନେଇ ଥିବା ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସାହୁ,ମୂଖ୍ୟବକ୍ତା ପୂର୍ବତନ ସମ୍ପାଦକ ରାଇବଣିଆ ଓଷ୍ଟା ମଣ୍ଡଳର ଶ୍ରୀଯୁକ୍ତ ବଂଶୀଧର ବାରିକ,ସମ୍ମାନିତ ଅତିଥିଙ୍କ ଭିତରୁ କଳମା ସରପଂଚ ଶ୍ରୀମତୀ ସୁବିନୀତା ଦତ,ବରଡ଼ିହା ସରପଂଚ ଶ୍ରୀଯୁକ୍ତ ଅଜୟ କୁମାର ମହାନ୍ତି,ପୁରୁଷୋତମ ମହାନ୍ତ,ସରସ୍ୱତୀ ମୁର୍ମୁ , ବରିଷ୍ଠ ଶିକ୍ଷକ କିଶୋର ମହାନ୍ତି,ଜୀବନ କୁମାର ଗିରି,ଅଜିତ କୁମାର ଦେଙ୍କ ସମତେ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ,ଅଭିଭାବକ ଉପସ୍ଥିତ ଥିଲେ ।ମଂଚ ଆହ୍ୱାନ ଓ ଅତିଥିଙ୍କ ପରିଚୟ ସମ୍ପାଦକ ରାଇବଣିଆ ଓଷ୍ଟା ମଣ୍ଡଳର ହରମୋହନ ମହାନ୍ତ କରିଥିବା ବେଳେ ଧନ୍ୟବାଦ ଅର୍ପଣ ଶିକ୍ଷକ ମାନସ କୁମାର ବେହେରା ଦେଇଥିଲେ ।ଏହି ଅବସରରେ ସରକାରଙ୍କ ନୀତିନିୟମ ଆଧାରରେ ଶିକ୍ଷକ କିଶୋର ମହାନ୍ତି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ।

## ମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ

ଖଇରା,(ନି.ପ୍ର)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଝିଙ୍କିରିଆ ଗ୍ରାମର ଶୈବ ପୀଠର ପ୍ରତିଷ୍ଠାତା ତଥା ଶତାୟୁ ପୁରୁଷ ଗୋବିନ୍ଦ ଚନ୍ଦ୍ର ରାଉତ(୧୦୫) ୨୭ତାରିଖ ଦିନ ଆଖିବୁଜିଛନ୍ତି । ଶ୍ରୀ ରାଉତ କେବଳ ଜଣେ ଧର୍ମପରାୟଣା ବ୍ୟକ୍ତି ନଥିଲେ ବହୁ ସମୟରେ ଅସହାୟ ଏବଂ ଦିନଜନଙ୍କୁ ନିଜ ସ□ିତ ଅର୍ଥରୁ ସାହାଯ୍ୟ କରି ନିଜର ପରୋପକାରୀ ଗୁଣର ପରିଚୟ ଦେଇଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ଆଖପାଖ ଗ୍ରାମରୁ ବହୁ ଅଧିବାସୀ ବାସଭବନରେ ପହ□ ଶେଷ ଦର୍ଶନ କରିଥିଲେ ।

## ବଜ୍ରପାତରେ ଘର ପୋଡିଲା

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଉଁଶଗଡିଆ ଆଦିବାସୀ ସାହିରେ ବୁଧବାର ରାତିରେ ବଜ୍ରପାତ ଯୋଗୁଁ ଅଗ୍ନିକାଣ୍ଡ ଘଟି ବୁଦ୍ଧିଆ ସିଂଙ୍କର ୨ବଖରା ବାସଗୃହ ପୋଡି ପାଉଁଶ ହୋଇ ଯାଇଛି । ଏଥିରେ ୩ଟି ଛେଳି ଜିବନ୍ତ ଦଗ୍ଧ ହୋଇ ଯାଇଥିବା ବେଳେ ନଷ୍ଟ ହୋଇଥିବା ସମ୍ପ□ିର ଆନୁମାନିକ ମୂଲ୍ୟ ଲକ୍ଷାଧିକ ହେବ ବୋଲି କୁହାଯାଉଛି । ଗୁରୁବାର କୁପାରୀ ରାଜସ୍ୱ ନିରିକ୍ଷକ ଚନ୍ଦ୍ରଶେଖର ପଣ୍ଡା ଘଟଣାସ୍ଥଳକୁ ଯାଇ ପଲିଥିନ ପ୍ରଦାନ କରିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି । ସମିତିସଭ୍ୟା ପ୍ରତିନିଧି ଶ୍ରୀକାନ୍ତ ବେହେରା ,ଯୁବ ସଙ୍ଗଠକ ଦୈତାରୀ ପଣ୍ଡା,ମଙ୍ଗୁଲୁ ସିଂ ପ୍ରମୁଖ ସହାୟତା ପ୍ରଦାନ କରିଥିବା ବେଳେ ସରକାରୀ ଗୃହ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ଦାବି କରିଛନ୍ତି ।

## ଅବସର ନେଲେ ଯଜ୍ଞେଶ୍ୱର ସାର

ନୀଳଗିରି(ନି.ପ୍ର.)ଦୀର୍ଘ ୪୦ବର୍ଷର ଶିକ୍ଷକତା ଜୀବନ ଅତିବାହିତ କରି ଛାତ୍ରଛାତ୍ରୀ,ଅଭିଭାବକ, ସହକର୍ମୀଙ୍କ ପ୍ରୀୟଭାଜନ ହୋଇ ସ୍ନେହ,ଶ୍ରଦ୍ଧା ସାଉଁଟିଥିବା ନରଣପୁର ଉଚ୍ଚବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ଯଜ୍ଞେଶ୍ୱର ବେହେରା ଅପ୍ରେଲ ୩୦ତାରିଖ କର୍ମମୟ ଜୀବନରୁ ଅବସର ନେଇଛନ୍ତି । ୧୯୮୬ମସିହା ସେପ୍ଟେମ୍ବର ୧ତାରିଖ ଉକ୍ତ ବିଦ୍ୟାଳୟରେ ଜଣେ ଗଣିତଶିକ୍ଷକ ଭାବେ ମାତ୍ର୨୧ବର୍ଷ ବୟସରେ ଯୋଗଦାନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସହିତ ସମବୟସ୍କ ଥିବାରୁ ଅତିସହଜରେ ଆତ୍ମୀୟତା ପାଇପାରିବା ଫଳରେ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ । ଅବସର ସମୟର ୨ବର୍ଷ ପୂର୍ବରୁ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱନେବା ପରେ ବିଦ୍ୟାଳୟର ଅଧିକାଂଶ ଉନ୍ନତିମୂଳକ କାର୍ଯ୍ୟକରିବାରେ ସଫଳ ହୋଇଥିଲେ ।ଦୀର୍ଘ ୪ଦଶନ୍ଧିର ଶିକ୍ଷକତା ପରେ ୩୦ତାରିଖ ଗୁରୁବାର ଅବସର ନେଇଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ, ଆଲୁମିନିକମିଟି, ପରିଚାଳନା କମିଟି, ସ୍ୱଂୟସହାୟିକା ଗୋଷ୍ଠୀ, ଉପଦେଷ୍ଟା କମିଟି ତରଫରୁ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଥିଲା । ପରିଚାଳନା କମିଟିର ସଦସ୍ୟ ଅଶ୍ୱିନୀ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କମିଟିର ପୂର୍ବତନ ସଦସ୍ୟ ଅଜୟ କୁମାର ପରିଡ଼ା, ଅତିଥିଶିକ୍ଷକ ନରେନ୍ଦ୍ରନାଥ ବାରିକ, ଅକ୍ଷୟ କୁମାର ବେହେରା, ଶିକ୍ଷୟତ୍ରୀ ପ୍ରତିଭାରାଣୀ ଦାସ,ପ୍ରଫୁଲ୍ଲ କୁମାର ସାହୁ, କରୁଣାକର ଭୂୟାଁ, ଯୋଗେନ୍ଦ୍ର ରାଉତ, ଉପଦେଷ୍ଟା କମିଟିର ବିଭୂତି ଭୂଷଣ ବେହେରା, ରତିକାନ୍ତ ପରିଡା, ଜତିନ୍ଦ୍ର ବେହେରା, ଆଲୁମିନି କମିଟି ସଦସ୍ୟ ପ୍ରଦୀପ ଭୂୟାଁ, ଅକ୍ଷୟ କୁମାର ଦାସ, ପ୍ରଶାନ୍ତ କୁମାର ସାହୁ, ଶ୍ରୀକାନ୍ତ ମଣ୍ଡଳ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀଙ୍କସମେତ ବହୁ ଅଭିଭାବକ, ଅଭିଭାବିକା, ବୁଦ୍ଧିଜୀବୀ ଉପସ୍ଥିତରହି ପ୍ରାକ୍ତନ ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ଯଜ୍ଞେଶ୍ୱର ବେହେରାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ । ଶ୍ରୀଯୁକ୍ତ ବେହେରା ଜଣେ ଛାତ୍ରବତ୍ସଳ,ସମୟାନୁବର୍ତି, ଅମାୟିକ, ନିଷ୍କଳଙ୍କ ଶିକ୍ଷକ ଭାବରେ ଅଂଚଳରେ ବେଶ୍ ସୁନାମଅର୍ଜନ କରିଥିବାରୁ ତାଙ୍କ ଅବସରକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଗ୍ରାମବାସୀ ତଥା ଛାତ୍ରଛାତ୍ରୀ । ଶେଷରେ ଏକ ଭାବପୂର୍ଣ୍ଣ ପରିବେଶରେ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଦାୟ ଦେଇଥିଲେ । ତେବେ କର୍ମମୟ ଜୀବନରୁ ଅବସର ନେଇଥିଲେ ହେଁ ସେ ଆଗାମୀ ଦିନମାନଙ୍କରେ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କର ଯଥାସାଧ ସହଯୋଗ ଜାରିରହିବ ବୋଲି କହିଥିଲେ ।

## କମରପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ସୋର, (ନି.ପ୍ର.) ସୋର ପୌରପାଳିକା ଅ'ର୍ଗତ ଷ୍ଟେସନଛକରେ ଥିବା କମରପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସରୋଜିନୀ ପତିଙ୍କର ଏକ ଅବସରକାଳୀନ ସଭା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ମଧୁସୁଦନ ରାଉତଙ୍କ ସଭାପତିତ୍ୱରେ ସଭାରେ ଉପସ୍ଥିତ ଥିବା ଏସ୍.ଏମ୍.ସି. କମିଟିର ସଭ୍ୟ/ସଭ୍ୟା, କମରପୁର ଗ୍ରାମର ବରିଷ୍ଠ ବୁଦ୍ଧିଜିବୀ, ବ୍ୟବସାୟୀ, ନୂଆ ବସ୍ଷ୍ଟାଣ୍ଡ ଦୁର୍ଗା ପୂଜା କମିଟିର ସଭ୍ୟମାନେ ଯୋଗଦେଇ ଶ୍ରୀମତୀ ପତିଙ୍କର କାର୍ଯ୍ୟଧାରା, କ□ବ୍ୟନିଷ୍ଠା ଓ ବିଦ୍ୟାଳୟରେ ଥିବା ଅନୁବନ୍ଧିତାର ଭୂୟସୀ ପ୍ରସଂଶା କରିଥିଲେ । ଶ୍ରୀମତୀ ପତି ୨୦୨୧ ମସିହାରେ କମରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲେବୁଲ-୩ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ଦୀର୍ଘ ୪ ବର୍ଷ ୬ ମାସ କାର୍ଯ୍ୟକାଳ ମଧ୍ୟରେ ବିଦ୍ୟାଳୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ, ନୂତନ ଗୃହ, ବିଦ୍ୟାଳୟ ଆନୁଷଙ୍ଗିକ ଉପକରଣ ଏବଂ ପାଠପଢ଼ା ସୂଚାରୁ ରୂପେ ସଂପାଦନ କରିପାରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଏବଂ ପରିଚାଳନା କମିଟିର ସଭାପତି ଉପସ୍ଥିତ ଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଭାବବିହ୍ୱଳ ହୋଇ ବିଦାୟ ଦେଇଥିଲେ ।

# ମେ ୨ରେ ମାଟ୍ରିକ ରେଜଲ୍ଟ




ଭୁବନେଶ୍ୱର : ଆସନ୍ତା ମେ' ୨ ତାରିଖରେ ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇବ । ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାର ଫଳ ମେ' ୨ ତାରିଖ ଅପରାହ୍ନ ୪ଟାରେ ପ୍ରକାଶ ପାଇବ ବୋଲି ପ୍ରେସ୍ ରିଲିଜ୍ ଜରିଆରେ ବିଏସଇ ସୂଚନା ଦେଇଛି । ଚଳିତ ବର୍ଷର ଦଶମ ପରୀକ୍ଷା ସହ ଷ୍ଟେଟ୍ ଓପନ୍ ସ୍କୁଲ ଓ ମଧ୍ୟମା ରେଜଲ୍ଟ ମଧ ପ୍ରକାଶ ପାଇବ । ଛାତ୍ରଛାତ୍ରୀମାନେ ସଂଧ୍ୟା ୭ଟା ପରେ ବୋର୍ଡର ୱେବ ସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏସି.ଇନ୍ ଏବଂ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏନଆଇସି.ଇନ୍ ରେ ଦେଖିପାରିବେ । ସେହିପରି ଇଂଟରନେଟ୍ ନ ଥିବା ଅଂଚଳରେ ରୋଲ୍ ନଂକୁ ଏସଏମଏସ କରି ରେଜଲ୍ଟ ଜାଣିହେବ । ଏଥିପାଇଁ ଓଆର୧୦ ରୋଲନଂ ଲେଖି ୫୬୭୬୭୫୦କୁ ଏସଏମଏସ କରିବାକୁ ହେବ ।

# ତାତିରୁ ଆଶ୍ୱସ୍ତି ଦେଲା କାଳ ବୈଶାଖୀ ବର୍ଷା



ଭୁବନେଶ୍ୱର : ତାତିରୁ ଆଶ୍ୱସ୍ତି ଦେଲା କାଳ ବୈଶାଖୀ । ପୂର୍ବରୁ ପଶ୍ଚିମ ସବୁଠି କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି । ଗୁରୁବାର ଅପରାହ୍ନରେ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ପବନ ହୋଇଛି । ଟୁଇନସିଟି ଭୁବନେଶ୍ୱର ଓ କଟକରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା ହୋଇଛି । ଦିନରେ ଖରାର ପ୍ରକୋପ ରହିଥିବା ବେଳେ ଅପରାହ୍ନରେ ହଠାତ୍ କଳାହାଣ୍ଡିଆ ମେଘ ସାଙ୍ଗକୁ ହାଲୁକା ପବନ ମାଡ଼ିଆସିଲା । ଏହା ପରେ ବହୁ ସ୍ଥାନରେ ଘଡଘଡି ସହ ବର୍ଷା ଦେଖିବାକୁ ମିଳିଥିଲା । ପଶ୍ଚିମ ଓଡ଼ିଶାରେ ମଧ ଦେଖିବାକୁ ମିଳିଛି ଝଡତୋଫାନ । ବଲାଙ୍ଗିର ଜିଲ୍ଲାର ଅଧିକାଂଶ ସ୍ଥାନରେ କୁଆପଥର ବର୍ଷା ମଧ ହୋଇଛି । ଲଗାତାର ୪୨ ଡିଗ୍ରୀ ଉପରେ ରହୁଥିବା ତାପମାତ୍ରା କାଳବୈଶାଖୀ ପ୍ରଭାବରେ ସାମାନ୍ୟ ହ୍ରାସ ଘଟିଛି । ସେହିପରି ବିନିକାରେ ବି ତୁହାକୁତୁହା ବର୍ଷା ସାଙ୍ଗକୁ ପ୍ରବଳ କୁଆ ପଥରମାଡ଼ ଫଳରେ କିଛି ସ୍ଥାନରେ ଘରର ଆଜବେଜଷ୍ଟେସ୍ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି । ଆସନ୍ତା ତିନିରୁ ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ଲାଗିରହିବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର । ଅପରପକ୍ଷରେ ଆଜି ୪୦ ଡିଗ୍ରୀ ଉପରେ ରହିଛି ୬ ସହରର ତାପମାତ୍ରା ।









# ଜାମ୍ମୁ-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସର ୨୦ଟି ବର୍ଦ୍ଧିତ କୋଚକୁ ଶୁଭାରମ୍ଭ କଲେ କେନ୍ଦ୍ର ରେଳମନ୍ତ୍ରୀ



ନୂଆଦିଲ୍ଲୀ : କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଜାମ୍ମୁ-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି ଯାହା ୮ ରୁ ୨୦ ଟି କୋଚକୁ ବୃଦ୍ଧି ପାଇଛି । ଜାମ୍ମୁ ରେଳ ଷ୍ଟେସନରେ କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ, ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଶ୍ରୀ ଓମାର ଅବଦୁଲ୍ଲା, ସାଂସଦ ଶ୍ରୀ ଗୁଲାମ ଅଲ୍ଲୀ ଖଟାନା ଏବଂ ଶ୍ରୀ ସତ ପଲ ଶର୍ମାଙ୍କ ଉପସ୍ଥିତିରେ ଏହି ସମାରୋହକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ ଏହାକୁ ଭାରତୀୟ ରେଳ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ବର୍ଣ୍ଣନା କରିଥିଲେ । ସେ କେନ୍ଦ୍ର ଶାସିତ ଅଂଚଳ ଜାମ୍ମୁ କାଶ୍ମୀର ପାଇଁ ସେବାର ପରିବର୍ତ୍ତନଶୀଳ ପ୍ରଭାବ ଉପରେ ଆଲୋକପାତ କରି ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା ବୋଲି କହିଛନ୍ତି ଯାହା ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରେ, ପର୍ଯ୍ୟଟନକୁ ପ୍ରୋତ୍ସାହିତ କରେ ଏବଂ ଆଂଚଳିକ ଅର୍ଥନୀତିକୁ ମଜବୁତ କରେ । ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଜାମ୍ମୁ-କାଶ୍ମୀରରେ 'ବନ୍ଦେ ଭାରତ' ସେବା କାର୍ଯ୍ୟକ୍ଷମ ହେବାର ପ୍ରଥମ ଦିନରୁ ୧୦୦% ପରିବହନ କ୍ଷମତା ହାସଲ କରିଛି, ଯାହା ଜନସାଧାରଣଙ୍କ ଦୃଢ଼ ସ୍ୱୀକୃତିକୁ ପ୍ରତିଫଳିତ କରୁଛି । ସେ ଆହୁରି ମଧ ସୂଚନା ଦେଇଛନ୍ତି ଯେ ଏହି ଟ୍ରେନଗୁଡ଼ିକରେ ୫.୫ ଲକ୍ଷରୁ ଅଧିକ ଯାତ୍ରୀ ଯାତ୍ରା କରିସାରିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ଡୋଗ୍ରି ଏବଂ କାଶ୍ମୀରୀ ବ୍ୟଞ୍ଜନ ସମେତ ଆଂଚଳିକ ବ୍ୟଞ୍ଜନ, ବିଶେଷ କରି ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଏକ ସାଂସ୍କୃତିକ ଭାବନାରେ ସମୃଦ୍ଧ ଯାତ୍ରା ପ୍ରଦାନ କରୁଛି । ବୈଷୟିକ ପ୍ରଗତି ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଜାମ୍ମୁ କାଶ୍ମୀର ପାଇଁ ବନ୍ଦେ ଭାରତ ଟ୍ରେନଗୁଡ଼ିକ ବିଶେଷ ଭାବରେ ଭିନ୍ନ ପାଣିପାଗ ପରିସ୍ଥିତିରେ ଚଳାଚଳ ପାଇଁ ଡିଜାଇନ୍ କରାଯାଇଛି, ଯେଉଁଥିରେ ମାଇନସ୍ ୧୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ତାପମାତ୍ରା ଅନ୍ତର୍ଭୁକ୍ତ । ସେ କହିଥିଲେ ଯେ ଏହି ଟ୍ରେନଗୁଡ଼ିକ ସୁଉଚ୍ଚ ସ୍ଥାନ ପାଇଁ ଉପଯୁକ୍ତ ଉନ୍ନତ ଅପରେଟିଂ ସିଷ୍ଟମ୍ ଏବଂ ଇଲେକ୍ଟ୍ରୋନିକ୍ସ ସହିତ ସଜ୍ଜିତ । ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଜାମ୍ମୁ-କାଶ୍ମୀରରେ ଉନ୍ନତ ରେଳ ସଂଯୋଗ ମାଲ ପରିବହନ କାର୍ଯ୍ୟକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି ଏବଂ ବସ୍ତା ପିଛା ୫୦ ଟଙ୍କାରୁ କମ୍ ମୂଲ୍ୟରେ ସିମେଂଟ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ହ୍ରାସ କରିବାରେ ସହାୟକ ହୋଇଛି । ସେ ସୂଚନା ଦେଇଛନ୍ତି ଯେ ଦକ୍ଷ ମାଲ ପରିବହନ ବ୍ୟବସ୍ଥା ଅମୂଲରୁ ଉତ୍ପାଦ ସାମଗ୍ରୀ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣକୁ ସକ୍ଷମ କରିଛି ଏବଂ କାଶ୍ମୀରରୁ ଦିଲ୍ଲୀକୁ ୨ କୋଟି କିଲୋଗ୍ରାମରୁ ଅଧିକ ସେଓ ପରିବହନକୁ ସହଜ କରିଛି । ସେ ଆହୁରି ମଧ କହିଛନ୍ତି ଯେ ଚେରି ପରି ଶୀଘ୍ର ନଷ୍ଟ ହେଉଥିବା ଉତ୍ପାଦଗୁଡ଼ିକର ପରିବହନ ମଧ ସହଜ ହେବ ବୋଲି ଆଶା କରାଯାଉଛି, ଯାହା ଏହି ଅଂଚଳର କୃଷକ ଏବଂ ବ୍ୟବସାୟୀମାନଙ୍କୁ ଉପକୃତ କରିବ । ଶ୍ରୀ ବୈଷ୍ଣବ ସୂଚନା ଦେଇଥିଲେ ଯେ ୨୦ଟି କୋଚ ବିଶିଷ୍ଟ ଦୁଇଟି ବନ୍ଦେ ଭାରତ ସେବା ଏବେ କାର୍ଯ୍ୟକ୍ଷମ ହୋଇଛି, ଯେଉଁଥିରେ ଆହ୍ୱାନପୂର୍ଣ୍ଣ ହିମାଳୟ ଭୂଖଣ୍ଡ ଏବଂ ସୁଡ଼ଙ୍ଗ ବ୍ୟବସ୍ଥାରେ ସ୍ଥିରତା ଏବଂ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦିଆଯାଇଛି । ସେ ଆହୁରି ମଧ କହିଛନ୍ତି ଯେ କାଜିଗୁଣ୍ଡ ଏବଂ ବାରାମୁଲା ମଧ୍ୟରେ ରେଳ ଲାଇନର କ୍ଷମତା ବୃଦ୍ଧି ପାଇଁ କାର୍ଯ୍ୟ ଚାଲିଛି । ସେ ସୂଚନା ଦେଇଥିଲେ ଯେ ପୁଂଚ-ରାଜୌରୀ ରେଳ ସଂଯୋଗ ଏବଂ ଉରି-ବାରାମୁଲା ସମ୍ପ୍ରସାରଣ ଭଳି ପ୍ରକଳ୍ପଗୁଡ଼ିକ ଯୋଜନା ଏବଂ ଡିପିଆର ପର୍ଯ୍ୟାୟରେ ରହିଛି ।

# ଆଜି ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ



ନୂଆଦିଲ୍ଲୀ : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ । ତାଙ୍କ ଗସ୍ତ ସମୟରେ ସେ ରାୟଗଡ଼ାରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ସେଠାରେ ସେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା- ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ କରିବେ ଯାହା ରାଜ୍ୟକୁ ଏକ ପ୍ରମୁଖ ବିକାଶମୂଳକ ପ୍ରୋତ୍ସାହନ ପ୍ରଦାନ କରିବ । ଏହି ପଦକ୍ଷେପ ଅଧୀନରେ, ୧,୬୯୮.୦୪ କୋଟି ଟଙ୍କା ବ୍ୟୟରେ ମୋଟ ୧,୭୦୧.୮୪ କିଲୋମିଟର ଲମ୍ବ ବିଶିଷ୍ଟ ୮୨୭ଟି ସଡ଼କ ପ୍ରକଳ୍ପକୁ ହାତକୁ ନିଆଯିବ । ଏହାଦ୍ୱାରା ୮୯୮ଟି ବସତିକୁ ପ୍ରଥମ ଥର ପାଇଁ ସବୁଦିନିଆ ସଡ଼କ ସଂଯୋଗ ସମ୍ଭବ ହେବ । ଏହା ବିଦ୍ୟାଳୟ, ଡାକ୍ତରଖାନା, ବଜାର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାଗୁଡ଼ିକର ସୁଦୃଢ଼ୀକରଣ କରିବା ସହିତ ସାମାଜିକ-ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିବେ । ରାୟଗଡ଼ାର ବାରିଝୋଲାସ୍ଥିତ ଆଇଏସିଆର ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ଦୁର୍ଗମ ଓ ଗ୍ରାମାଂଚଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଏହି ନୂତନ ରାସ୍ତାଗୁଡ଼ିକ ସ୍କୁଲ, ହସ୍ପିଟାଲ, ଗ୍ରାମାଂଚଳ ମଣ୍ଡି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ପାଇଁ ସୁଗମତାକୁ ଉନ୍ନତ କରିବ । ଏହା ସହିତ, ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଂଚଳରେ ସ୍ଥାନୀୟ ବାଣିଜ୍ୟ, ନିଯୁକ୍ତି ସୁଯୋଗ ଏବଂ ସାମାଜିକ-ଆର୍ଥିକ କାର୍ଯ୍ୟକଳାପକୁ ନୂତନ ଗତି ପ୍ରଦାନ କରିବ ବୋଲି ଆଶା କରାଯାଉଛି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନୁମୋଦନ ପତ୍ର ପ୍ରଦାନ କରିବେ । ଏହାପରେ କେନ୍ଦ୍ର ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମିଳିତ ଭାବରେ ପ୍ରକଳ୍ପଗୁଡ଼ିକର ଉଦଘାଟନ ଓ ଶିଳାନ୍ୟାସ କରାଯିବ । ଏହି ଅବସରରେ ହିତାଧିକାରୀମାନଙ୍କୁ ମଧ ସମ୍ମାନିତ କରାଯିବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ, ପଂଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସହିତ ଅନ୍ୟାନ୍ୟ ଜନପ୍ରତିନିଧି ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ ବରିଷ୍ଠ ଅଧିକାରୀ ଯୋଗଦେବେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ, ଏହି କାର୍ଯ୍ୟକ୍ରମ ସମାବେଶୀ ବିକାଶ ପ୍ରତି କେନ୍ଦ୍ର ଓ ରାଜ୍ୟର ଦୃଢ଼ ସହଭାଗୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ଓଡ଼ିଶା ପୂର୍ବରୁ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି । ଯୋଜନାର ବିଭିନ୍ନ ଉପାଦାନ ଅଧୀନରେ, ରାଜ୍ୟରେ ଏପର୍ଯ୍ୟନ୍ତ ମୋଟ ୧୭,୯୬୩ଟି ରାସ୍ତା ଏବଂ ୭୪,୭୨୫ କିଲୋମିଟର ୭୦୭ଟି ସେତୁ ମଞ୍ଜୁର କରାଯାଇଛି । ଅନ୍ୟପକ୍ଷରେ ୭୧,୭୪୨ କିଲୋମିଟର ବିଶିଷ୍ଟ ୧୭,୭୬୦ଟି ରାସ୍ତା ଏବଂ ୬୫୮ଟି ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହୋଇସାରିଛି । ତେଣୁ, ମେ ପହିଲା କାର୍ଯ୍ୟକ୍ରମ କେବଳ ଏକ ନୂତନ ଅନୁମୋଦନ ନୁହେଁ, ବରଂ ରାଜ୍ୟରେ ଗ୍ରାମୀଣ ବିକାଶର ଚାଲୁଥିବା ଯାତ୍ରାକୁ ଆହୁରି ସୁଦୃଢ଼ କରିବାର ସୁଯୋଗ ଭାବରେ କାର୍ଯ୍ୟ କରିବ । ଉନ୍ନତ ସଂଯୋଗୀକରଣ, ଦ୍ରୁତ ଆର୍ଥିକ କାର୍ଯ୍ୟକଳାପ ଏବଂ ଦୂରଦୂରାନ୍ତର ଜନବସତିର ସଶକ୍ତିକରଣ ମାଧ୍ୟମରେ ଏହି ପଦକ୍ଷେପକୁ ଏକ ବିକଶିତ ଭାରତର ଦୃଷ୍ଟିକୋଣ ସହିତ ଯୋଡାଯାଇଛି । ରାୟଗଡ଼ାରେ ଏହି କାର୍ଯ୍ୟକ୍ରମ ରାଜନୈତିକ ଓ ବିକାଶମୂଳକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମିଳିତ ଉପସ୍ଥିତି ଏହି ବାର୍ତ୍ତାକୁ ଆହୁରି ଦୃଢ଼ କରିବ ଯେ ଓଡ଼ିଶାରେ ଗ୍ରାମୀଣ ରାସ୍ତା, ଭିତିଭୂମି ଏବଂ ସାର୍ବଜନୀନ ସୁବିଧାର ପ୍ରସାର ଆହୁରି ଦ୍ରୁତ ଗତିରେ ଆଗକୁ ବଢ଼ିବାକୁ ଯାଉଛି ।

# ବେଙ୍ଗାଲୁରୁ ଚାଣକ୍ୟ ବିଶ୍ୱବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ବେଙ୍ଗାଲୁରୁ/ଭୁବନେଶ୍ୱର : ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଶିକ୍ଷାଦାନ କେନ୍ଦ୍ର ନ ହୋଇ ମାନବ ସମ୍ବଳର ବିକାଶ ଓ ଜାତୀୟ ସଂକଳ୍ପର ପ୍ରତିଫଳନ ହେବା ଉଚିତ ବୋଲି ଗୁରୁବାର ବେଙ୍ଗାଲୁରୁର ଚାଣକ୍ୟ ବିଶ୍ୱବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ତଥା ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଏସ. ସୋମନାଥଙ୍କ ଉପସ୍ଥିତିରେ 'ସୁଧା ଏବଂ କ୍ରିସ୍ ଗୋପାଳକ୍ରିଷ୍ଣନ ଏକାଡେମିକ ବ୍ଲକ', 'ଡକ୍ଟର କେ. କସ୍ତୁରୀରଙ୍ଗନ ଅଡିଟୋରିୟମ' ଏବଂ 'ସାଟେଲାଇଟ ଗ୍ରାଉଣ୍ଡ ଷ୍ଟେସନ'କୁ ଉଦଘାଟନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଷ୍ଟ୍ର ନିର୍ମାଣର ପ୍ରକୃତ ମାପକାଠି ପ୍ରାୟତଃ ସେହି ଅନୁଷ୍ଠାନଗୁଡ଼ିକରେ ପ୍ରତିଫଳିତ ହୁଏ, ଯେଉଁମାନେ ଆଗାମୀ ପିଢ଼ି ପାଇଁ ପୁଞ୍ଜିନିବେଶ କରିବାକୁ ବାଛିଥାନ୍ତି । ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଶିକ୍ଷାଦାନର କେନ୍ଦ୍ର ହୋଇ ରହିବା ଉଚିତ ନୁହେଁ ; ସେଗୁଡ଼ିକ ଏପରି ଏକ ସ୍ଥାନ ଭାବରେ ଉଭା ହେବା ଉଚିତ୍, ଯେଉଁଠାରେ ଜାତୀୟ ଉଦ୍ଦେଶ୍ୟ ମାନବୀୟ ସମ୍ଭାବନାରେ ରୂପାନ୍ତରିତ ହୁଏ ଏବଂ ଯେଉଁଠାରେ ଯୁବବର୍ଗଙ୍କ ମନକୁ ଜ୍ଞାନ ଏବଂ ଚରିତ୍ର ସହିତ ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ କରାଯାଏ । ସେ ଆହୁରି କହିଛନ୍ତି, ବେଙ୍ଗାଲୁରୁ ଆଜି ଭାରତର 'ପ୍ରୁଫ୍ ଅଫ୍ କନସେପ୍ଟ' ଭାବରେ ଠିଆ ହୋଇଛି, ଯେଉଁଠାରେ ଇସ୍ରୋ, ଆଇଆଇଏସସି ବେଙ୍ଗାଲୁରୁ, ଡିଆରଡିଓ ଭଳି ଅନୁଷ୍ଠାନ ଏବଂ ଏକ ସମୃଦ୍ଧ ଷ୍ଟାର୍ଟଅପ୍ ବ୍ୟବସ୍ଥା ରହିଛି । ସେହିପରି ଜାତୀୟ ପ୍ରଗତିର ପଥ କେବଳ ଅର୍ଥନୈତିକ ଅଭିବୃଦ୍ଧି ଦ୍ୱାରା ନୁହେଁ, ବରଂ ଆମେ ଗଠନ କରୁଥିବା ମାନସିକତାର ଗୁଣବତା ଦ୍ୱାରା ନିର୍ଦ୍ଧାରିତ ହେବ । ଯେତେବେଳେ ବିଶ୍ୱବିଦ୍ୟାଳୟଗୁଡ଼ିକ ଉତ୍କର୍ଷତା ଏବଂ ଉଦ୍ଦେଶ୍ୟ ଉଭୟକୁ ଅନୁପ୍ରାଣିତ କରନ୍ତି, ସେମାନେ ଭାରତକୁ ଆତ୍ମବିଶ୍ୱାସ, ନବସୃଜନ ଏବଂ ଜାତୀୟ ଦାୟିତ୍ୱବୋଧ ସହିତ ଆଗକୁ ନେଇଯିବା ପାଇଁ ଏକ ସକ୍ଷମ ପିଢ଼ି ସୃଷ୍ଟି କରିବାରେ ସହାୟକ ହୁଅନ୍ତି ବୋଲି ଶିକ୍ଷା ମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ବେଟ୍ଟାକୋଟେ ସ୍ଥିତ ସ୍ୱର୍ଣ୍ଣ ଟ୍ରଷ୍ଟର 'ମକ୍କାଲା ଧାମ' କ୍ୟାମ୍ପସ ପରିଦର୍ଶନ କରିଥିଲେ । ସେହିପରି ପବିତ୍ର ନୃସିଂହ ଜୟନ୍ତୀ ଅବସରରେ ଶ୍ରୀ ପ୍ରଧାନ ମଲ୍ଲେଶ୍ୱରମ ସ୍ଥିତ ଐତିହାସିକ ଶ୍ରୀ ଲକ୍ଷ୍ମୀ ନରସିଂହ ସ୍ୱାମୀ ମନ୍ଦିରରେ ଦର୍ଶନ କରିବା ସହ ଦେଶର ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ ।

## ଭୁବନେଶ୍ୱରରେ ପ୍ରଶାସନ ପାଇଁ ପ୍ରଶାସନିକ ତଥ୍ୟର ସାମଞ୍ଜସ୍ୟ ଉପରେ ଜାତୀୟ ବିଚାରବିମର୍ଶ ସମ୍ମିଳନୀ ଅନୁଷ୍ଠିତ

# ଦାୟିତ୍ୱର ସହ ତଥ୍ୟର ଉପଯୋଗ କରାଯିବା ଉଚିତ : ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରରେ ରାଜ୍ୟ / କେନ୍ଦ୍ରଶାସିତ ପ୍ରଦେଶ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ନେଇ "ପ୍ରଶାସନ ପାଇଁ ପ୍ରଶାସନିକ ତଥ୍ୟର ସାମଞ୍ଜସ୍ୟ" ଉପରେ ଜାତୀୟ ବିଚାରବିମର୍ଶ ସମ୍ମିଳନୀ ଆୟୋଜନ କରିଛି । ଏହି ଜାତୀୟ ସମ୍ମିଳନୀର ଲକ୍ଷ୍ୟ ପ୍ରଶାସନିକ ତଥ୍ୟର ସାମଞ୍ଜସ୍ୟ ନିମନ୍ତେ କାର୍ଯ୍ୟ ଯୋଜନା ଓ ସମୟ ସୀମା ଉପରେ ସହମତି ସୃଷ୍ଟି କରିବା । ଏଥିରେ ୩୧ରୁ ଅଧିକ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ସରକାର, କେନ୍ଦ୍ରୀୟ ମନ୍ତ୍ରଣାଳୟ / ବିଭାଗ, ଗବେଷକ ଏବଂ ଆନ୍ତର୍ଜାତୀୟ ସଂଗଠନ/ ଶିକ୍ଷାନୁଷ୍ଠାନ / ଘରୋଇ ସଂଗଠନର ୩୦୦ରୁ ଅଧିକ ବୈଷୟିକ ବିଶେଷଜ୍ଞ ଓ ଅଂଶୀଦାରମାନେ ଯୋଗ ଦେଇଥିଲେ । ଏହି ସମ୍ମିଳନୀ ସମାନମାନକ ଗ୍ରହଣ କରିବା ଏବଂ ଉତମ ନୀତି ନିର୍ଦ୍ଧାରଣ ତଥା ପ୍ରଶାସନ ପାଇଁ ଆନ୍ତଃ ପରିଚାଳିତ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବାରେ ସହାୟକ ହେବ । କାର୍ଯ୍ୟକ୍ରମ ଆରମ୍ଭରେ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର ତଥ୍ୟ ପ୍ରଶାସନ ମହା ନିର୍ଦ୍ଦେଶକ ପି.ଆର ମହେଶ୍ରମ ସ୍ୱାଗତ ଭାଷଣ ଦେଇଥିଲେ । ବୈଠକ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରଣାଳୟର ସଚିବ ଡକ୍ଟର ସୌରଭ ଗର୍ଗ କହିଥିଲେ, ତଥ୍ୟ ସମ୍ପର୍କରେଏକ ସକାରାତ୍ମକ ଏବଂ ଖୋଲା ମନୋଭାବ ଗ୍ରହଣ କରିବାଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଲକ୍ଷ୍ୟ ରହିଛି । ପ୍ରତିବନ୍ଧକ ଦୂର କରି ବିଭିନ୍ନ କ୍ଷେତ୍ରରେ ଖୋଲା, ମାନକୀକୃତ ଏବଂ ଆନ୍ତଃ ପରିଚାଳିତ ତଥ୍ୟକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ । ଉଦଘାଟନୀ ଭାଷଣରେ, ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଗୁରୁତ୍ୱାରୋପ କରିକହିଥିଲେ, ତଥ୍ୟ ହେଉଛି ସମୟର ଆବଶ୍ୟକତା । ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ, ବିକଶିତ ଭାରତ ୨୦୪୭ଏବଂ ଓଡ଼ିଶାର ୨୦୩୬ ଲକ୍ଷ୍ୟ ହାସଲ ପାଇଁ ଏହାର ଗୁରୁତ୍ୱ ଉପରେସେ ଆଲୋକପାତ କରିଥିଲେ । ବିଶେଷକରି ତଥ୍ୟ-ଚାଳିତ ନୀତି ନିର୍ଦ୍ଧାରଣ ମାଧ୍ୟମରେ କୃଷି ଓ ଶକ୍ତି କ୍ଷେତ୍ରରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଏହା ମଧ ଉଲ୍ଲେଖ କରିଥିଲେ ଯେ ଦାୟିତ୍ୱର ସହ ତଥ୍ୟର ଉପଯୋଗ କରାଯିବା ଉଚିତ । ଖୋଲାପଣ ଓ ଜରୁରୀ ଗୋପନୀୟତା ମଧ୍ୟରେ ସନ୍ତୁଳନ ରହିବା ଆବଶ୍ୟକ ।

# ଗ୍ରୀଷ୍ମକାଳୀନ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ



ଭୁବନେଶ୍ୱର : ଗ୍ରୀଷ୍ମ ଋତୁରେ ଯାତ୍ରୀଙ୍କ ଅତ୍ୟଧିକ ଚାହିଦାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଏବଂ ସମ୍ବଲପୁରରୁ ଛାଡୁଥିବା ଅନେକ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତି ନିଆଯାଇଛି । ଭୁବନେଶ୍ୱର- କେଏସଆର ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୪୬୩) - : ଏହି ଟ୍ରେନରେ ୧ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି (୩ଏକ୍ସ ଇଉ) କୋଚ୍ ସଂଯୋଗ କରାଯିବ । ବେଙ୍ଗାଲୁରୁ-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୪୬୪) - : ଏଥିରେ ୨ ମଇରୁ ୧ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ଯୋଡ଼ାଯିବ । ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୨୮୧୯) - : ଏହି ଟ୍ରେନରେ ୩ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ । ଆନନ୍ଦ ବିହାର ଟର୍ମିନାଲ -ଭୁବନେଶ୍ୱର ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୨୮୨୦) - : ଏଥିରେ ୫ ମଇରୁ ୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ । ଭୁବନେଶ୍ୱର-ତିରୁପତି ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନଂ. ୨୨୮୭୯): ୨ ମଇରୁ ୩୦ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସହିତ ଚାଲିବ । ତିରୁପତି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନଂ. ୨୨୮୮୦): ୩ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ । ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଂଟରସିଟି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୩୦୧/୧୮୩୦୨): ୧ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସହିତ ଚାଲିବ । ସମ୍ବଲପୁର- ଶାଲିମାର ମହିମା ଗୋସାଇଁ ଏକ୍ସପ୍ରେସ (ଟ୍ରେନ୍ ନଂ. ୨୦୮୩୨) - : ୩ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏଥିରେ ଏକ ଅତିରିକ୍ତ ସ୍ଲିପର କୋଚ୍ ସଂଯୋଗ କରାଯିବ । ଶାଲିମାର-ସମ୍ବଲପୁର (ଟ୍ରେନ୍ ନଂ. ୨୦୮୩୧): ୪ ମଇରୁ ୧ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ସ୍ଲିପର କୋଚ୍ ସହିତ ଚାଲିବ । ଭୁବନେଶ୍ୱର-ପୁରୁଣାକଟକ ଇଂଟରସିଟି ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନଂ. ୧୨୮୯୩): ୧ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଦୁଇଟି ଅତିରିକ୍ତ ସାଧାରଣ ଶ୍ରେଣୀ (ଏରଭ-ରକ୍ସବକ୍ଷ) କୋଚ୍ ସଂଯୋଗ କରାଯିବ । ସେହିପରି ପୁରୁଣାକଟକ-ଭୁବନେଶ୍ୱର (ଟ୍ରେନ୍ ନଂ. ୧୨୮୯୪) ରେ ୨ ମଇରୁ ୧ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଦୁଇଟି ଅତିରିକ୍ତ ସାଧାରଣ ଶ୍ରେଣୀ କୋଚ୍ ସହିତ ଚଳାଚଳ କରିବ । ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୪୪୭) - : ୧ ମଇରୁ ୧୨ ମଇ ଏବଂ ୧୪ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ ।

# ଆଇପିଏଲ-୨୦୨୬ : ଗୁଜୁରାଟକୁ ୧୫୬ ରନର ଟାର୍ଗେଟ ଆରସିବି



ମୁମ୍ବାଇ,୩୦/୪ : ଗୁଜୁରାଟ ଟାଇଟନ୍ସକୁ ୧୫୬ରନର ଟାର୍ଗେଟ । ଆରସିବି ପ୍ରଥମେ ବ୍ୟାଟିଂ କରି ୧୯.୨ବଲରେ ୧୫୫ରନ୍ କରି ଅଲଆଉଟ୍ ହୋଇଯାଇଛି । ଗୁଜୁରାଟ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଆଜିର ମ୍ୟାଚ୍ ଅହମ୍ମଦାବାଦରେ ଥିବା ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଉଛି । ଆରସିବି ପକ୍ଷରୁ ଦେବିଦତ ପାଡ଼ିକଲ ୪୦(୨୪)ରନର ପାଳି ଖେଳିଛନ୍ତି । ସେହିଭଳି ଜାକବ ବେଥେଲ ୫(୫), ବିରାଟ କୋହଲୀ୨୮(୧୩), ରଜତ ପଟ୍ଟିଦାର ୧୯(୧୫), ଜିତେଶ ଶର୍ମା ୧(୩), ଟିମ୍ ଡାଭିଡ୍ ୯(୬), କୃଣାଲ ପାଣ୍ଡ୍ୟା ୪(୪), ରୋମାରିଓ ସେଫେଡ଼ ୧୭(୧୫), ଭେଙ୍କଟେଶ ଲେୟର ୧୨(୧୫), ଭୁବନେଶ୍ୱର କୁମାର ୧୫(୧୫), ଜୋଶ୍ ହାଜେଲଉଡ଼ ୦(୧) । ଗୁଜୁରାଟ ଟାଇଟନ୍ସ ପକ୍ଷରୁ ଅର୍ସଦ ଖାନ ସର୍ବାଧିକ ୩ ୱିକେଟ ନେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜଶନ ହୋଲଡର ଓ ରସିଦ ଖାନ୍ ଦୁଇଟି ଲେଖାଏଁ ୱିକେଟ ନେଇଛନ୍ତି । ସେହିଭଳି ମହମ୍ମଦ ସିରାଜ ଏବଂ କାଜିଶୋ ରବଡା ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି । ପ୍ରକାଶ ଯେ, ଗତ ୨୪ତାରିଖରେ ଉଭୟ ଦଳ ଚିନ୍ନାସ୍ୱାମୀ ଷ୍ଟାଡ଼ିୟମରେ ପରସ୍ପରକୁ ଭେଟିଥିଲେ । ବେଙ୍ଗାଲୁରୁ ୫ ୱିକେଟରେ ଉକ୍ତ ମ୍ୟାଚ ଜିତିଥିଲା । ଉକ୍ତ ମ୍ୟାଚରେ ସାଇ ସୁଦର୍ଶନ ଶତକ ଅର୍ଜନ କରିଥିଲେ ହେଁ ଜବାବରେ ବିରାଟ କୋହଲି ଓ ଦେବଦ ପାଡ଼ିକଲ ବିସ୍ଫୋରକ ବ୍ୟାଟିଂ କରି ଗୁଜରାଟଠାରୁ ବିଜୟ ଛଡ଼ାଇ ନେଇଥିଲେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି

BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**